**ଚଢ଼ାଉ: ବ୍ରାଉନସୁଗାର ବେପାରୀ ଗିରଫ**

ବଳଙ୍ଗା,(କେଦାରେଶ୍ୱର ନନ୍ଦ)- ବଳଙ୍ଗା ଥାନା ଅଧୀନ ଦଳଭାଣପୁର ଛକରେ ବଳଙ୍ଗା ପୋଲିସ ଚଢ଼ାଉ କରି ବ୍ରାଉନସୁଗାର ବେପାର କରୁଥିବା ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ରେଞ୍ଚ ଶାସନର ବସନ୍ତ ଜେନା। ପୋଲିସ ତାଙ୍କ ପାଖରୁ ୧୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏନେଇ ପୋଲିସ ୩୧୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବସନ୍ତ ନିମାପଡ଼ା-ପିପିଲି ରାସ୍ତାର ଦଳଭାଣପୁର ଛକଠାରେ ବ୍ରାଉନସୁଗାର ବିକ୍ରି କରିବାକୁ ଗ୍ରାହକ ଅପେକ୍ଷାରେ ଥିଲେ। ଏସ୍ଆଇ କେଦାର ଚନ୍ଦ୍ର ଦୋରା ଏ ସମ୍ପର୍କରେ ସୂଚନା ପାଇ ଏଏସ୍ଆଇ ପ୍ରଶାନ୍ତ କୁମାର ବେହେରା, ହାବିଲଦାର ବିଷ୍ଣୁଚରଣ ସ୍ୱାଇଁ, ରବୀନ୍ଦ୍ର ଖଟୋଇ, ଦିବାକର ସେଠୀଙ୍କ ସହ ସଦଳବଳ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



| | |
|---|---|
| ୨୦।୧୨।୨୦୨୪ | |
| ୫,୩୪,୩୧୩ ଟଙ୍କା | |
| ସୁନା | ୨.୬୨୦ ଗ୍ରାମ୍ |
| ରୁପା | ୮୨.୭୦୦ ଗ୍ରାମ୍ |

# ଲଘୁଚାପ ବର୍ଷାରେ ଭିଜିଲା ଧାନ, ଚିନ୍ତାରେ ଚାଷୀ

ସାକ୍ଷୀଗୋପାଳ,୨୦।୧୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ ଭରତ ରାଉତ)



ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପଜନିତ ବର୍ଷା ଫଳରେ ସତ୍ୟବାଦୀ ଅଞ୍ଚଳରେ ଶୁକ୍ରବାର ଦିନତମାମ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା, ହାଲୁକା ପବନ ଲାଗି ରହିଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଦିନିଆ ବର୍ଷାରେ ପୁରୀ ଜିଲା ସମେତ ସତ୍ୟବାଦୀର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲ ହାନି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଅଞ୍ଚଳର ପ୍ରାୟ ୩୦ ପ୍ରତିଶତ ଜମିରେ ଏ ପର୍ଯ୍ୟନ୍ତ ଧାନ କଟା ହୋଇପାରି ନାହିଁ। ତରବରିଆ ଭାବେ କଟା ହୋଇଥିବା ଧାନ ବନ୍ଧା ହୋଇ ବିଲରେ ପଡ଼ି ରହି ବର୍ଷାରେ ଭିଜୁଛି। ଚାଷୀ ଋଣ କରିବା ସହ ବିଭିନ୍ନ ସୂତ୍ରରୁ ଟଙ୍କା ଆଣି ଚାଷ କରିଥିବାବେଳେ ଅଦିନିଆ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ବର୍ଷା ଓ ପବନ ମାଡ଼ରେ ପାଚିଲା ଧାନ ସବୁ ତଳେ ଶୋଇପଡ଼ିଛି। ଅଧିକାଂଶ ଜମିରେ ହୋଇଥିବା ଫୁଲ କୋବି, ବନ୍ଧା କୋବି, ଟମାଟୋ, ମୂଳା, ବାଇଗଣ, ଶାଗ, ବିନ, କଲରା ଆଦି ପନିପରିବା ଫସଲ ପ୍ରଭାବିତ ହେବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ଏହି ବର୍ଷାରେ ଫୁଲଚାଷ, ଖୋଲାରେ କରାଯାଇଥିବା ଛତୁଚାଷ ମଧ୍ୟ ନଷ୍ଟ ହେବାର ଆଶଙ୍କା ରହିଛି। ଏନେଇ ନରେନ୍ଦ୍ରପୁର ପଞ୍ଚାୟତ ଚଉଦଗୁଣ୍ଠ ଗ୍ରାମର ଚାଷୀ ବିଶ୍ୱନାଥ ମହାପାତ୍ରଙ୍କ ୨ ଏକର ଚାଷଜମିରେ ଅମଳ ଧାନ ଫସଲ ନଷ୍ଟ ହେବାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏଭଳି ସମୟରେ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି ସହାୟତା ପ୍ରଦାନ କରାଯିବାକୁ ଚାଷୀ ଦାବି କରିଛନ୍ତି।

**ଅସ୍ତରଙ୍ଗ, (ପ୍ରଦୀପ୍ତ କୁମାର ଦୀକ୍ଷିତ)**– ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାବେଳେ ରାଜ୍ୟରେ ଲଘୁଚାପଜନିତ ବର୍ଷା ଚାଷୀଙ୍କ ସୁନାର ଫସଲ ନଷ୍ଟ ଆଶଙ୍କା ସୃଷ୍ଟି କରିଛି। ଅସ୍ତରଙ୍ଗ ବ୍ଲକରେ ଶୁକ୍ରବାର ପାଚିଲା ଧାନ କ୍ଷେତରେ ବର୍ଷା ଓ ହାଲୁକା ପବନ ମାଡ଼ ଖାଇ ଶୋଇପଡ଼ିଛି। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ପାଇଁ ଚାଷ କାର୍ଯ୍ୟ ବିଳମ୍ବ ହୋଇଥିଲେ ମଧ୍ୟ ଏଥର ଭଲ ଫସଲ ହୋଇଥିଲା। ହେଲେ ଅସ୍ତରଙ୍ଗ ବ୍ଲକ ଅଧୀନ ଶିଶୁଅ, ସରିପୁର, ନଈଗୁଆଁ, କେନ୍ଦ୍ରାପଟି, କରଞ୍ଜପୁର ଅଞ୍ଚଳର ଏକାଧିକ ସ୍ଥାନରେ କ୍ଷେତରେ ପାଣି ବର୍ଷା ଯୋଗୁ ଜମି ରହିଛି। ଯାହା ଅମଳ ସମୟରେ ଚାଷୀଙ୍କ ଉପରେ ଦାଉ ସାଜିଛି। ନଈଗୁଆଁ ଗ୍ରାମର ଚାଷୀ ସତ୍ୟଜିତ ରାଉତ ଧାରକରଜ କରି ଚାଷ କରିଥିବାବେଳେ ଏବେ ଫସଲ ନଷ୍ଟ ହୋଇଯିବା ଆଶଙ୍କାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

**ନିମାପଡ଼ା(ବିଚିତ୍ରାନନ୍ଦ ସାହୁ)**–ନିମାପଡ଼ା ବ୍ଲକର ହେକ୍ଟର ହେକ୍ଟର ଚାଷ ଜମିରେ କଟା ହୋଇଥିବା ଥିବା ଧାନ ଓ ଅମଳ ଧାନ ଲଘୁଚାପ ଜନିତ ବର୍ଷାରେ ଶୁକ୍ରବାର ଭିଜି ଶୋଇପଡ଼ିଛି। ଫଳରେ ଧାନ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଅନେକ ଚାଷୀ ଧାନ କାଟି ବିଲରେ ପକାଇଥିବାବେଳେ ତାକୁ ଖଳାକୁ ନେଇ ପାରି ନ ଥିଲେ। ଚାଷୀ ନକୁଳ ମଲ୍ଲିକ, ପ୍ରକାଶ ପ୍ରଧାନ, ଫକୀର ସ୍ୱାଇଁ, ରମେଶ ସ୍ୱାଇଁ, ରାମଚନ୍ଦ୍ର ସାହୁ, ପର୍ଶୁରାମ ରାଉତ ପ୍ରମୁଖ ଫସଲ ହାନୀ ହେବା ନେଇ ଚିନ୍ତାରେ ଥିବା କହିଛନ୍ତି। ଯଦି ଆଉ ୨ ଦିନ ଏମିତି ବର୍ଷା ହୁଏ, ତେବେ ଧାନ ଗଜା ହୋଇଯିବ।

**କଣାସ,(ବିଭୂତି ଭୂଷଣ ତ୍ରିପାଠୀ)**– କଣାସ ବ୍ଲକର ପୁରପଲ୍ଲୀରେ ଶୁକ୍ରବାର ଦିନତମାମ ବର୍ଷା ଲାଗି ରହିଛି। ଅନେକ ଜମିରେ ଶାରଦ ଧାନ ଫସଲ କଟା ହୋଇପଡ଼ିବା ସହ ବିଡ଼ା ବନ୍ଧା ହୋଇ ହିଡ଼ ଉପରେ ରଖାଯାଇଥଲା। ଯାହା ଏହି ଝିପିଝିପି ବର୍ଷାରେ ଭିଜୁଛି। ଅନେକ ଜମିରେ ଚିନାବାଦାମ ମଞ୍ଜି ବୁଣା ଯାଉଥିବାବେଳେ ଏବଂ ପରିବା ଫସଲ, ବିରି, ମୁଗ, ରବିଚାଷ ପାଇଁ ରବି ଧାନ ଗଜା ହେଉଥିବାବେଳେ ସେଗୁଡ଼ିକ ନଷ୍ଟ ହେବାର ଆଶଙ୍କା ରହିଛି। ଏହି ଲଘୁଚାପ ଜନିତ ବର୍ଷାରେ ସମସ୍ତ ଫସଲ ନଷ୍ଟ ହେଉଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଲେଣି।

## ରାହୁଲଙ୍କ ଗିରଫ ଦାବିରେ ଭାଜପାର ବିକ୍ଷୋଭ




ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)

ସଂସଦ ଗୃହ ବାହାରେ ବାଲେଶ୍ୱର ଏମ୍ପି ପ୍ରତାପ ଷଡ଼ଙ୍ଗୀଙ୍କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଠେଲିଦେଇ ଆହତ କରିବା ଘଟଣାକୁ ଶୁକ୍ରବାର ଭାଜପା ଯୁବମୋର୍ଚ୍ଚା ପୁରୀ ଜିଲା ଶାଖା ପକ୍ଷରୁ ବିରୋଧ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଏନେଇ ଏସ୍ପିଙ୍କୁ ଦାବିପତ୍ର ଦିଆଯାଇଛି। ଭାଜପା ଯୁବମୋର୍ଚ୍ଚାର କର୍ମୀମାନେ ପୁରୀ ଟାଉନ ହଲ୍ ନିକଟରୁ ଶୋଭାଯାତ୍ରାରେ ବାହାରି ଏସ୍ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାହୁଲ ଗାନ୍ଧୀଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ରଙ୍କ ଉପସ୍ଥିତିରେ ଏସ୍ପିଙ୍କୁ ଏଫ୍ଆଇଆର୍ ଦିଆଯାଇଥିଲା। ଶୋଭାଯାତ୍ରାରେ ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଶରଧାବାଲି ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ, ସିଂହଦ୍ୱାର ମଣ୍ଡଳ ସଭାପତି ରବି ଦାଶ, ପ୍ରସନ୍ନ ମିଶ୍ର, ସଂଗ୍ରାମ କାନୁନ୍‌ଗୋ, ସୋମନାଥ ଖୁଣ୍ଟିଆ, ବିଶ୍ୱଜିତ୍ ମହାନ୍ତି, ବିଭୂତି ରଥ, ମିଥୁନ ଜେନା, ସୌମ୍ୟା ମିଶ୍ର, ଅକ୍ଷୟ ମହାନ୍ତି, ଅଜୟ ପ୍ରଧାନ, ପ୍ରଶାନ୍ତ ପଣ୍ଡା, ଭାସ୍କର ରେଡ୍ଡୀ, ବିଶ୍ୱଜିତ୍ ପ୍ରଧାନ, ବିଭୂତି ମିଶ୍ର, ଦୁର୍ଗା ମାଧବ ପଣ୍ଡା, ସୁଦର୍ଶନ ସାହୁ, ଅନିକେତ କର, ସ୍ନେହାଶିଷ ଦାଶ, ବିଶ୍ୱଜିତ ଦାଶ, ହେମନ୍ତ ମହାନ୍ତି, ପ୍ରଦୀପ ପରିଡା, ବିଜୟଲକ୍ଷ୍ମୀ ମିଶ୍ର, କବିତା ରଥ, ସୁଦଶା ଦାସ ପ୍ରମୁଖ ସାମିଲ ଥିଲେ।

## ଶ୍ରୀଜଗନ୍ନାଥଙ୍କ ନାମରେ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ସମୟ ଆସିଛି

ଭଏସ୍ ଅଫ୍ କମନମ୍ୟାନ୍‌ର ବୌଦ୍ଧିକ ଆସର

ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ଆମେରିକାରୁ ଆସିଥିବା ପ୍ରଫେସର ଯଶୋବନ୍ତ ପାଠକଙ୍କ ସମ୍ମାନାର୍ଥେ ଭଏସ୍ ଅଫ୍ କମନମ୍ୟାନ୍ ପକ୍ଷରୁ ଗୁରୁବାର ଏକ ବୌଦ୍ଧିକ ଆସର ଅନୁଷ୍ଠିତ ହୋଇଯାଇଛି। ପ୍ର. ପାଠକ ଆନ୍ତର୍ଜାତିକ ସାଂସ୍କୃତିକ ଅଧ୍ୟୟନ ସଂସ୍ଥା ପ୍ରତିଷ୍ଠାତା ରହିଥିବାବେଳେ ବିଦେଶରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିକାଶ ତଥା ଆମେରିକାର ନ୍ୟୁୟର୍କରେ ଏକ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କାର୍ଯ୍ୟ କରୁଛନ୍ତି। ସେ ତାଙ୍କ ବକ୍ତବ୍ୟରେ ବିଶ୍ୱର ଶତାଧିକ ଦେଶ ଭ୍ରମଣ କରିବା ଅବସରରେ ଅର୍ଜିତ ଅନୁଭୂତିର ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଆମ ଭାରତୀୟ ସଂସ୍କୃତି ସହିତ ଆଫ୍ରିକାର ଅନେକ ଦେଶର ଲୋକସଂସ୍କୃତିର ଗଭୀର ସାମଞ୍ଜସ୍ୟ ରହିଛି। ଯୋଗ ଓ ନିରାମିଷ ଭୋଜନର ପ୍ରସାର ଫଳରେ ଭବିଷ୍ୟତରେ ଭାରତ ସଂସ୍କୃତି ଓ ଆଧ୍ୟାତ୍ମିକ କ୍ଷେତ୍ରରେ ବିଶ୍ୱଗୁରୁ ଭାବରେ ସ୍ୱୀକୃତ ହେବା କିଛି ବିଚିତ୍ର ନୁହେଁ। ମହାପ୍ରଭୁଙ୍କ ମହାତ୍ମ୍ୟ, ରୀତିନୀତି ତଥା ଶ୍ରୀକ୍ଷେତ୍ରର ଐତିହ୍ୟ ବିଷୟଭିତ୍ତିକ ତଥ୍ୟ ଓ ତତ୍ତ୍ୱ ଅଧ୍ୟୟନ କରିବା ପାଇଁ ବହୁଲୋକ ଆଗ୍ରହୀ। ଏଣୁ ଶ୍ରୀଜଗନ୍ନାଥଙ୍କ ନାମରେ ଏକ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ପ୍ରକୃଷ୍ଟ ସମୟ ଆସିଛି। ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଅଧୀନରେ ବିଦ୍ୱାନଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ପାଠ୍ୟକ୍ରମ ପରିଚାଳନା କରାଯାଇପାରିବ ବୋଲି କହିଥିଲେ। ଆସରର ପ୍ରାରମ୍ଭରେ କବି ଦେବୀପ୍ରସନ୍ନ ନନ୍ଦ ଅତିଥି ପରିଚୟ ଦେବା ପରେ ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ହେକ୍ଟର ମିଶ୍ର ଭଏସ୍ ଅଫ୍ କମନ୍ ମ୍ୟାନ୍ ସଂସ୍ଥାର କାର୍ଯ୍ୟକାରିତା ବିଷୟରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ସନ୍ଦିପ ଭାଇ ଆନ୍ତର୍ଜାତିକ ସାଂସ୍କୃତିକ ଅଧ୍ୟୟନ ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ଉକ୍ତ ଆସରରେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଖବରଦାତା ରାଜକୁମାର ମହାନ୍ତି, ପ୍ରଫେସର ବିଶ୍ୱନାଥ ମିଶ୍ର, ସେବାୟତ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ପ୍ରଫେସର ଛାୟାକାନ୍ତ, ଶତ୍ରୁଘ୍ନ ବଳିଆରସିଂହ, ଚନ୍ଦନ ମିଶ୍ର, ଜୟଦୀପ ଦାଶ, ରାଜକୁମାର ଦାସମହାପାତ୍ରଙ୍କ ସମେତ ଅନେକ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷିକା ଚିନ୍ମୟୀ ଶତପଥି ଧନ୍ୟବାଦ ଦେଇଥିଲେ।



ଏକ ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ଗିରଫ ନିମନ୍ତେ ପୁରୀ ଏସ୍ପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଓଗାଳପୁର ଗ୍ରାମବାସୀ । (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

## ମହାକୁମ୍ଭ ସଂକ୍ରାନ୍ତ ଆଲୋଚନା ନେଇ ସ୍ୱତନ୍ତ୍ର ଅଧିବେଶନ



ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ତତ୍ତ୍ୱାବଧାନରେ ଶ୍ରୀସଦାଶିବ ପରିସରରେ ଶୁକ୍ରବାର ଇଣ୍ଡିଆ ଥିଙ୍କ୍ କାଉନ୍‌ସିଲ୍‌ର ମିଳିତ ସହଭାଗିତାରେ ମହାକୁମ୍ଭ–୨୦୨୫ର ଆଧ୍ୟାତ୍ମିକ, ଆଦର୍ଶଗତ ଏବଂ ସାଂସ୍କୃତିକ ଦିଗ ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କୁମ୍ଭର ପୌରାଣିକ ଇତିହାସ ଓ ସନାତନ ପରମ୍ପରାର ମୂଲ୍ୟବୋଧ ଉପରେ ଆଧୁନିକ ଦୃଷ୍ଟିକୋଣରୁ ଆଲୋଚନା ମାଧ୍ୟମରେ ବିଦ୍ୱାନମାନଙ୍କ ମତ ସଂଗ୍ରହ, ସମାଜ ପାଇଁ ଏହାକୁ ଲିପିବଦ୍ଧ କରିବା ଏବଂ ଆଜିର ଚଳନ୍ତି ସମସ୍ୟାର ସମାଧାନ ଖୋଜିବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀରେ ବିଜ୍ଞପ୍ରାଜ୍ଞମାନେ ସେମାନଙ୍କ ମତପୋଷଣ କରିଥିଲେ। ବୈଠକରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଅବନୀଶ ଅୱସ୍ଥି, ଗୁଜରାଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନୀର୍ଜା ଗୁପ୍ତା, ପୂର୍ବତନ କୁଳପତି ଏସ୍.ଜେ.ଏସ୍.ଭି. ପୁରୀ, ପ୍ରଫେସର କିଶୋର ଚନ୍ଦ୍ର ପାଢ଼ୀ, ପ୍ରଫେସର ଏମ୍.ଚନ୍ଦ୍ରଶେଖର, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଜି.ଏସ୍. ଆର୍. କୃଷ୍ଣମୂର୍ତ୍ତି, ବିକାନେର ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ ପ୍ରଫେସର ମନୋଜ ଦୀକ୍ଷିତ, ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଅତିରିକ୍ତ ଆଡଭୋକେଟ୍ ଜେନେରାଲ ଅଶୋକ ମେହେଟ୍ଟା ଏବଂ ବରିଷ୍ଠ ସାମ୍ବାଦିକ ପ୍ରଫେସର ହର୍ଷବର୍ଦ୍ଧନ ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ସଦାଶିବ ପରିସର ପୁରୀର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର ଏବଂ ଇଣ୍ଡିଆ ଥିଙ୍କ୍ କାଉନ୍‌ସିଲ୍ ନିର୍ଦ୍ଦେଶକ ସୌରଭ ପାଣ୍ଡେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଥିଲେ ଅଧ୍ୟାପକ ଡ. ଚକ୍ରଧର କର। ସଦାଶିବ ପରିସରର କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ‘ଜାତି, ଧର୍ମ ନାମରେ ଶ୍ରମିକଙ୍କୁ ବିଭାଜିତ କରାଯାଉଛି’

ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି )

**ଅଖିଳ ଭାରତ ଗୃହ ଓ ନିର୍ମାଣ ଶ୍ରମିକ ଫେଡେରେଶନର ଜାତୀୟ ପରିଷଦ ବୈଠକ**

ଜାତୀୟ ଶ୍ରମିକ ସଙ୍ଗଠନ ଏ.ଆଇ.ଟି.ୟୁ.ସି ସହବନ୍ଧିତ ଅଖିଳ ଭାରତ ଗୃହ ଓ ନିର୍ମାଣ ଶ୍ରମିକ ଫେଡରେଶନର ଜାତୀୟ ପରିଷଦ ବୈଠକ ଚଳିତ ମାସ ୧୯ ତାରିଖ ଠାରୁ ଆରମ୍ଭ ହୋଇଛି। ୟୁଥ୍ ହଷ୍ଟେଲରେ ଅନୁଷ୍ଠିତ ହେଉଥିବା ବୈଠକରେ ଶୁକ୍ରବାର ଦ୍ୱିତୀୟ ଦିନରେ ସଂଘର ଲାଲ ପତାକା ଉତ୍ତୋଳନ ହେବା ପରେ ଶ୍ରମିକ ଜାତିର ସମସ୍ୟା ଆମର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନା ଚକ୍ରରେ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଯୋଗଦାନ କରି କହିଥିଲେ, ସରକାର ଶ୍ରମିକମାନଙ୍କ ରକ୍ତକୁ ଶୋଷିବାରେ ଲାଗିଛନ୍ତି। ଛାତ୍ରୀଛାତ୍ରମାନେ ଉଚ୍ଚ ସ୍ତରରେ ପାଠ ପଢ଼ି ମଧ୍ୟ ସେମାନଙ୍କୁ ଚାକିରି ନମିଳିବାରୁ ସେମାନେ ଶ୍ରମିକ ଦିନ ମଜୁରିଆ ହେବାକୁ ବାଧ୍ୟ ହେଉଛନ୍ତି। ଜାତି ଓ ଧର୍ମ ନାମରେ ଦେଶର ଶ୍ରମିକମାନଙ୍କୁ ବିଭାଜିତ କରାଯାଉଛି। ସଭାକାର୍ଯ୍ୟ ପ୍ରାରମ୍ଭରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜିର ଏହି ସଭା ଶ୍ରମିକ ଶ୍ରେଣୀକୁ ନୂଆ ଦିଗ ଦର୍ଶନ ଦେବ ବୋଲି ପ୍ରଧାନ କହିଥିଲେ। କାର୍ଯ୍ୟକ୍ରମରେ ଜାତୀୟ ଫେଡେରେଶନ ସାଧାରଣ ସମ୍ପାଦକ କୁନସେରି, ଉପସାଧାରଣ ସମ୍ପାଦକ ପ୍ରବୀଣ କୁମାର, ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ, ଏନ୍. ଗୋପାଳ, ହରିହର ସେନାପତି, ଗୋଲଖ ନାୟକ, ସୁରେଶ ଚନ୍ଦ୍ର ବିଶ୍ୱାଳ, ପାଣ୍ଡବ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

## ଶ୍ରୀମନ୍ଦିର ଭିତରୁ ଭକ୍ତଙ୍କ ପର୍ସ ଚୋରି ଜଣେ ଗିରଫ

ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତରେ ଭକ୍ତଙ୍କଠାରୁ ମନିପର୍ସ ଚୋରି କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲାର ନିରଞ୍ଜନ ଦାସ। ପୋଲିସ ନିରଞ୍ଜନଙ୍କ ନିକଟରୁ ଚୋରି ପର୍ସ ଜବତ କରିଛି। ଏନେଇ ସିଂହଦ୍ୱାର ଥାନା ପୋଲିସ ୧୨୨/୨୪ରେ ଏକ ମାମଲା ରୁଜୁ କରିଛି। ଗୁରୁରାଟରୁ କେତନ ଏ ଭୋରା ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ଆସିଥିଲେ। ପ୍ରବଳ ଗହଳିର ସୁଯୋଗ ନେଇ ନିରଞ୍ଜନ ଗରୁଡ଼ ସ୍ତମ୍ଭ ନିକଟରେ ପର୍ସ ଚୋରି କରି ନେଉଥିବାବେଳେ କେତନ ଚୋର ଚୋର ବୋଲି ହଲ୍ଲା କରିଥିଲେ। ପାଟି ଶୁଣି ସେଠାରେ ନିୟୋଜିତ ପୋଲିସ କର୍ମଚାରୀ ତାଙ୍କୁ ଧରି ସିଂହଦ୍ୱାର ଜିମା ଦେଇଥିଲେ।

## ଶିକ୍ଷାବିତ୍ ପଦ୍ମଚରଣଙ୍କ ସ୍ମୃତିଚାରଣ

କଣାସ,୨୦।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗୋପୀନାଥପୁର ଗ୍ରାମପଞ୍ଚାୟତ କଳାପଦର ଗ୍ରାମର ଶିକ୍ଷାବିତ୍ ସ୍ୱର୍ଗତ ପଦ୍ମଚରଣ ହରିଚନ୍ଦନଙ୍କ ଗୁରୁବାର ଦ୍ୱାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅପର୍ତ୍ତି ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ। କଣାସ କଳାପାଣି ଭାବେ ପରିଚିତ ଗୋପୀନାଥପୁର ଓ କାଦୁଆ ପଞ୍ଚାୟତର ଉନ୍ନତି ପାଇଁ ୩ ଦଶନ୍ଧି ତଳେ ପଦ୍ମଚରଣଙ୍କ ଭୂମିକା ଅତୁଳନୀୟ ବୋଲି ଉପସ୍ଥିତ ଅତିଥିମାନେ ତାଙ୍କ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଲତାମଣି ଜଗଦ୍ଦେବ, ଶାନ୍ତି ଆନନ୍ଦ ଆଶ୍ରମର ସନ୍ୟାସୀ ବନବିହାରୀ ମହାରାଜ, ସନ୍ୟାସୀ ସାନ୍ତ୍ୱନ ଦାସ, ପ୍ରଫେସର ଗଙ୍ଗାଧର ପ୍ରଧାନ, ଶିକ୍ଷାବିତ୍ ନଗେନ୍ଦ୍ର ସୁନ୍ଦରାୟ, କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ଶିକ୍ଷାବିତ୍ ଅଜୟ ସେଠୀ, ଭାଗୀରଥି ମହାପାତ୍ର, ଲମ୍ବୋଦର ବେହେରା, ମୃତ୍ୟୁଞ୍ଜୟ ଦକ୍ଷିଣରାୟ ପ୍ରମୁଖ ସ୍ୱର୍ଗତ ହରିଚନ୍ଦନଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ବାସୁଦେବ ହରିଚନ୍ଦନ ଅତିଥି ପରିଚୟ ଦେଇଥିଲେ। ନିମାଇଁ ଚରଣ ସାହୁ ସଭା ସଂଯୋଜନା କରିଥିଲେ।

## ଜାନୁଆରୀ ୭ରେ ଖୋଲିବ ଧାନମଣ୍ଡି

ନିମାପଡ଼ା,୨୦।୧୨(ବିଚିତ୍ରାନନ୍ଦ ସାହୁ)

**ଗାଁରେ ବୁଲିଲା ଚାଷୀ ସଚେତନତା ରଥ**

ଆସନ୍ତା ଜାନୁଆରୀ ୭ ତାରିଖରେ ପୁରୀ ଜିଲା ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ ଆଦି ବ୍ଲକରେ ଧାନମଣ୍ଡି ଖୋଲିବ। ଏଥିନେଇ ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି (ଆର୍ଏମ୍ସି) ପକ୍ଷରୁ ସ୍ଥାନୀୟ ବ୍ଲକର ପ୍ରତ୍ୟେକ ଗାଁରେ ଚାଷୀ ସଚେତନତା ରଥ ବୁଲୁଛି। ଚାଷୀ ଯେମିତି ସୁବିଧାରେ ସେମାନଙ୍କ ଧାନ ମଣ୍ଡିରେ ବିକ୍ରୟ କରିପାରିବେ, ସେ ସମ୍ପର୍କରେ ସମସ୍ତ ଉପାଦେୟତା ତଥା ସଚେତନତା ରଥ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ମଣ୍ଡିକୁ ଆସିବା ଧାନ ପରିଷ୍କାର ହେବା ସହ ଏଫ୍ଏକ୍ୟୁ ମାନର ହୋଇଥିବା ଆବଶ୍ୟକ ବୋଲି ଚାଷୀଙ୍କୁ ଅବଗତ କରାଯାଇଛି। ସେବା ସମବାୟ ସମିତି ଗୁଡ଼ିକ ଜରିଆରେ ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରାଯିବ ବୋଲି ଆର୍ଏମ୍ସି ଅଧ୍ୟକ୍ଷ ପୁରୀ ଉପଜିଲାପାଳ ରାଜକିଶୋର ଜେନା, ସମ୍ପାଦକ ସୁଶାନ୍ତ ରାଉତ, ବରିଷ୍ଠ ହିସାବ ନିରୀକ୍ଷକ ବିଜୟ କୁମାର ସ୍ୱାଇଁ, ଅମୀୟ ନାୟକ, ଅନୁଚରଣ ପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ଯେଉଁ ଚାଷୀ ଅନ୍‌ଲାଇନରେ ସମବାୟ ସମିତିରେ ନାମ ପଞ୍ଜୀକରଣ କରିବେ, ସେହି ପଞ୍ଜୀକୃତ ଚାଷୀଙ୍କ ଧାନ କ୍ରୟ କରାଯିବ। ଧାନର କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୨୩୦୦ ଟଙ୍କା ଓ ଅତିରିକ୍ତ ଇନ୍‌ପୁଟ ସହାୟତା ରାଶି ୮୦୦ ଟଙ୍କା ମୋଟରେ ୩୧୦୦ ଟଙ୍କା ମୂଲ୍ୟରେ ଚାଷୀଙ୍କଠାରୁ ଧାନକ୍ରୟ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କଠାରୁ ଜଣାପଡ଼ିଛି। ପଞ୍ଜୀକୃତ ଚାଷୀମାନେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସରଳ ଓ ସହଜରେ ମଣ୍ଡିରେ ଧାନ ବିକ୍ରୟ କରିବାର ସୁଯୋଗ ନେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।




ସଚେତନତା ରଥ ।

## ଶ୍ରୀକ୍ଷେତ୍ର ମଠାଧୀଶ ସେବା ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ନାମରେ ନାମିତ ହୋଇଥିବା ଶ୍ରୀକ୍ଷେତ୍ରର ମଠଗୁଡ଼ିକର ବିଜେସ୍ଥଳୀଗୁଡିକୁ ସଂପୃକ୍ତ ମଠ ନାମରେ ରେକର୍ଡଭୁକ୍ତ କରିବା ନିମନ୍ତେ ଶୁକ୍ରବାର ଜିଲାପାଳଙ୍କୁ ଶ୍ରୀକ୍ଷେତ୍ର ମଠାଧୀଶ ସେବା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ମଠାଧୀଶମାନଙ୍କ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ମଠଗୁଡ଼ିକର ବିଜେସ୍ଥଳୀକୁ ସଂପୃକ୍ତ ମଠ ନାମରେ ରେକର୍ଡ କରିବା ନିମନ୍ତେ ବର୍ଷ ବର୍ଷ ଧରି ନିବେଦନ କରିବା ସତ୍ତ୍ୱେ ବର୍ତ୍ତମାନ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେଲା ନାହିଁ। ଫଳରେ ମଠ ସଂସ୍କୃତି ଓ ତାହାର ତତ୍ତ୍ୱାବଧାନ ପ୍ରଭାବିତ ହେଉଛି। ମଠ ଶ୍ରୀମନ୍ଦିର ପ୍ରଶାସନ ନାମରେ ରହିଥିବାରୁ ସମସ୍ୟା ଦେଖାଯାଉଛି। ମଠର ବିକାଶରେ ବାଧା ଉପୁଜୁଛି। ମଠକୁ ପ୍ରତିଷ୍ଠା ସମୟରେ ଭୂମିଦାନ ଦେଇଥିବା ରାଜା, ମହାରାଜା ଓ ଜମିଦାରଙ୍କ ପ୍ରତି ଏହା ଅପମାନ ସଦୃଶ। ହଜାର ହଜାର ବର୍ଷ ତଳେ ସ୍ୱ ସ୍ୱ ସମ୍ପ୍ରଦାୟର ପ୍ରଚାର ପ୍ରସାର ପାଇଁ ମଠ ପ୍ରତିଷ୍ଠା କରିଥିବା ଜଗଦଗୁରୁ, ଆଚାର୍ଯ୍ୟମାନଙ୍କ ଭାବନାକୁ କୁଠାରଘାତ, ଦେବୋତ୍ତର ଓ ଶ୍ରୀମନ୍ଦିର ଆଇନର ଦ୍ୱୈତ ଶାସନରେ ଛନ୍ଦି ହୋଇ ମଠାଧିଶ ଅଣାୟତ୍ତ। ସାଧୁ ସନ୍ଥ ଅତିଥି ଅଭ୍ୟାଗତ ଓ ବିଦ୍ୟାର୍ଥୀ ସେବାରେ ବାଧକ ସୃଷ୍ଟି ହେଉଛି। ଅସାମାଜିକ ବ୍ୟକ୍ତିମାନେ ଏହାକୁ ଜବର ଦଖଲ କରିବାରେ ସଫଳ ହୋଇଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିରରେ ମଠଗୁଡ଼ିକର ସେବା ମଧ୍ୟ ବ୍ୟାହତ ହେଉଛି। ମଠର ଚାଷ ଜମିରୁ ମିଳୁଥିବା ଆୟ ଚାଷୀମାନଙ୍କ ଠାରୁ ନମିଳିବାରୁ ମଠ ପରିଚାଳନାରେ ଅସୁବିଧା ହେଉଛି। ମଠରେ ଉତ୍ତରାଧିକାରୀ ହେବାକୁ ଆସୁଥିବା ପିଲାମାନେ ମଠର ସ୍ଥିତି ଭବିଷ୍ୟତରେ ଅନ୍ଧକାର ବୋଲି ଅନୁଭବ କରି ମୁହଁ ଫେରାଇ ନେବାର ଦୁଃଖଦ ପରିସ୍ଥିତି ସୃଷ୍ଟି ହେଉଛି। ମଠ ନାଁରେ ରେକର୍ଡ ନଥିବାରୁ ପୁରାତନ ଐତିହ୍ୟ ସ୍ଥଳୀ ମଠ ଭାଙ୍ଗିବା ସମୟରେ ମଠାଧୀଶ ମାନେ ଉଚ୍ଚ ନ୍ୟାୟାଳୟକୁ ଯାଇ ମଧ୍ୟ ଆଇନ୍ ଗତ ସହାୟତା ପାଇ ପାରିନାହାନ୍ତି। ତେଣୁ ମଠର ସମ୍ପତ୍ତି ଗୁଡ଼ିକ ତାଙ୍କ ନାମକୁ ଫେରାଇଲେ ମଠ ଗୁଡ଼ିକ ମଧ୍ୟ ରକ୍ଷା ହୋଇପାରିବ। ପୁରାତନ ଐତିହ୍ୟ ମଠଗୁଡ଼ିକ ସୁରକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ। ଶ୍ରୀକ୍ଷେତ୍ରରର ମଠ ଗୁଡ଼ିକର ବିଜେସ୍ଥଳୀ ସମ୍ପରି ଯେତେ ଯାହାର ଅଛି ତାକୁ ସ୍ୱତନ୍ତ୍ର ଭାବେ କ୍ୟାବିନେଟ୍‌ରେ ଫଇସଲା କରି ଫେରାଇ ଦେବାକୁ ଶ୍ରୀକ୍ଷେତ୍ରର ମଠାଧିଶ ସେବା ସଂଘର ସମସ୍ତ ମଠାଧିଶମାନେ ଦାବି କରିଛନ୍ତି। ଯଦି ସମସ୍ୟାର ସମାଧାନ ନହୁଏ ତେବେ ଆଗାମୀ ୨୭ ତାରିଖରେ ଏହି ଦାବି ଜଣାଇ ମଠାଧୀଶ ସମୂହ ଅନଶନ କରିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ସିର୍ଦ୍ଧାଥ ଶଙ୍କର ସ୍ୱାଇଁ କହିଛନ୍ତି, ମଠଗୁଡ଼ିକ ହେଉଛନ୍ତି ଜଗନ୍ନାଥ ସଂସ୍କୃତିର ଅଭିନ୍ନ ଅଂଶ। ମଠାଧୀଶ ମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯାହା ବି ପ୍ରଶାସନିକ ପରିଧି ମଧ୍ୟରେ ଆସିବ ତାହା ଆଲୋଚନା କରାଯାଇ ନିଶ୍ଚୟ ସମାଧାନ କରାଯିବ। ଜମି ମାଫିଆମାନେ ଯେଉଁ ଜମି ମାଡିବସିଛନ୍ତି ବୋଲି ଅଭିଯୋଗ ହେଉଛି ସେଥିମଧ୍ୟରୁ ଯାହା ପ୍ରାଇଭେଟ ଲ୍ୟାଣ୍ଡ ଥିବ ତାହା କୋର୍ଟରେ ଫଇସଲା ହେବ। ଯଦି ଶ୍ରୀଜଗନ୍ନାଥ ଜମି କିମ୍ବା ସରକାରୀ ଜମି ଥିବ ତାହା ଉଚ୍ଛେଦ କରାଯିବ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମଠାଧୀଶମାନେ ।

**ନନ୍ଦନକାନନରେ ସିମ୍ପାଞ୍ଜି 'ଜୁଲୁ' ଅସୁସ୍ଥ**

ତ୍ରିଶୂଳିଆ,(ତୁଷାରକାନ୍ତ ବେହେରା):ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୦ ନଂ. (କ) ଖୁଆଡ଼ରେ ରହୁଥିବା ୩୪ ବର୍ଷୀୟ ଅଣ୍ଡିରା ସିମ୍ପାଞ୍ଜି 'ଜୁଲୁ' ବାର୍ଦ୍ଧକ୍ୟ କାରଣରୁ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇପଡ଼ିଛି। ଚିକିତ୍ସା ସତ୍ତ୍ୱେ ସ୍ୱାସ୍ଥ୍ୟରେ ଉନ୍ନତି ନ ଆସିବାରୁ ଶୁକ୍ରବାର ଭୁବନେଶ୍ୱର ଓୟୁଏଟିର ବିଶେଷଜ୍ଞ ଦଳ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିଛନ୍ତି। ସେହିପରି ପ୍ରାଣୀ ଉଦ୍ୟାନର ଅନ୍ୟତମ ଆକର୍ଷଣ ଏକ ଅଣ୍ଡିରା ଆସାମିମା କାକ୍ୟୁ ଗୁରୁତର ଅସୁସ୍ଥ ହୋଇପଡ଼ିଥିବାରୁ ପ୍ରାଣୀ ଉଦ୍ୟାନ ଚିକିତ୍ସାଳୟରେ ଚିକିତ୍ସା ଚାଲିଛି।



## ସଂକ୍ଷେପରେ

### ମହିଳା କର୍ମଚାରୀଙ୍କୁ ଅଶାଳୀନ ବ୍ୟବହାର: ବେସରକାରୀ ସଂସ୍ଥାର ମ୍ୟାନେଜର ଗିରଫ



ଭୁବନେଶ୍ୱର,୨୦।୧୨(ସୂର୍ଯ୍ୟକାନ୍ତ ବେହେରା) : ଶାରୀରିକ ସମ୍ପର୍କ ରଖିଲେ ଦରମା ବଢ଼ିବା ସହ ପଦୋନ୍ନତି ହେବ। ନଚେତ ଦରମା ବନ୍ଦ। ମହିଳା କର୍ମଚାରୀଙ୍କୁ ଏଭଳି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ଏକ ବେସରକାରୀ ସଂସ୍ଥାର ମ୍ୟାନଜରଙ୍କୁ ମୈତ୍ରୀବିହାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୟାପଲ୍ଲୀରେ ରହୁଥିବା ନୟାଗଡର ରବିନାରାୟଣ ସାହୁ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏକାଧିକ ମହିଳା କର୍ମଚାରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି। ପୋଲିସ ସୂଚନାନୁସାରେ, ଜଣେ ଯୁବତୀ ଗତ ତିନିମାସ ତଳେ ଉକ୍ତ ସଂସ୍ଥାରେ ଚାକିରି କରୁଥିଲେ। ସେ ନୂଆ ହୋଇଥିବାରୁ ଅଭିଯୁକ୍ତ ମ୍ୟାନେଜର ଗତ ସେପ୍ଟେମ୍ବର ୬ରେ ତାଙ୍କୁ ଏଭଳି କଥା କହି ଦୁର୍ବ୍ୟବହାର କରିବା ସହ ଶାରୀରିକ ସମ୍ପର୍କ ରଖିବାକୁ ଚାପ ପକାଉଥିଲେ। ବିଫଳ ହେବାରୁ ସେ ପୀଡ଼ିତାଙ୍କ ଦରମା ବନ୍ଦ କରିଦେବା ସହ ଥାନାରେ ଅଭିଯୋଗ କଲେ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ତାଙ୍କ ସହ ଅନ୍ୟ ମହିଳା କର୍ମଚାରୀମାନେ ଥାନାରେ ଅଭିଯୋଗ କରିଥିଲେ।

### ନିଖୋଜ ବ୍ୟକ୍ତି ଶାସ୍ତ୍ରୀନଗରରୁ ଉଦ୍ଧାର

ତ୍ରିଶୂଳିଆ,୨୦।୧୨ (ତୁଷାରକାନ୍ତ ବେହେରା): ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଗୁରୁବାର ବୁଲିବାକୁ ଆସିଥିବା ବଙ୍ଗୀୟ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଶୁକ୍ରବାର ଶାସ୍ତ୍ରୀନଗର ଅଞ୍ଚଳରୁ ପୋଲିସ ଉଦ୍ଧାର କରିଛି। ପୀତାମ୍ବର ପାଠକ(୪୨) ପରିବାର ସହ ଆସାମରୁ ଏକ ବସ୍ ଯୋଗେ ଓଡ଼ିଶା ଆସି ଗୁରୁବାର ନନ୍ଦନକାନନ ବୁଲୁଥିଲେ। ଅପରାହ୍ନ ୨ଟା ବେଳକୁ ନନ୍ଦନକାନନରୁ ବାହାରି ପୁରୀ ଶ୍ରୀମନ୍ଦିର ଯିବାକୁ ବସ୍‌ଷ୍ଟାଣ୍ଡକୁ ଆସିଥିଲେ। ଏହା ମଧ୍ୟରେ ସେ ନିଖୋଜ ହୋଇଯାଇଥିବା ନେଇ ପରିବାର ପକ୍ଷରୁ ନନ୍ଦନକାନନ ଥାନାରେ ହୋଇଥିବା ଅଭିଯୋଗରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ପୀତାମ୍ବର ଶାସ୍ତ୍ରୀନଗରଠାରେ ଏଣେତେଣେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖି ନିକଟସ୍ଥ ଥାନାକୁ ଜଣାଇଥିଲେ। ଖବରପାଇ ନନ୍ଦନକାନନ ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି।

# ଦିନକରେ ଭୁବନେଶ୍ୱର ତାପମାତ୍ରା ୮.୬ ଡିଗ୍ରୀ ଖସିଲା

ଭୁବନେଶ୍ୱର,୨୦।୧୨ (ଅନୁରାଧା ମହାରଣା)

ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ଦିନକରେ ଭୁବନେଶ୍ୱରର ଦିନ ତାପମାତ୍ରା ୮.୬ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇଛି। ଗୁରୁବାର ଅପରାହ୍ନ ୨ଟା ୩୦ରେ ସହରର ତାପମାତ୍ରା ୨୬.୮ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ଶୁକ୍ରବାର ସକାଳୁ ତୁହାକୁ ତୁହା ବର୍ଷା ଲାଗି ରହିବାରୁ ଅପରାହ୍ନର ଠିକ୍ ସେହି ସମୟରେ ତାପମାତ୍ରା ୧୮.୨ ଡିଗ୍ରୀ ସେଲସିୟସ୍‌କୁ ଖସି ଆସିଥିଲା। ଏହା ପୂର୍ବରୁ ଅର୍ଥାତ୍ ୧୮ ତାରିଖ ଦିନ ସମାନ ସମୟରେ ସହରରେ ତାପମାତ୍ରା ୨୮ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ୧୭ ତାରିଖରେ ଏହା ୨୯.୪ ଡିଗ୍ରୀ ସେଲସିୟସ୍ ରହିଥିଲା। ତେବେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ଅନୁସାରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଏଠାରେ ୧୬.୭ ମିମି ବର୍ଷା ହୋଇଛି। ସକାଳୁ ମେଘୁଆ ପାଗ ରହିଥିବାବେଳେ ଦିନ ୯ଟାରୁ ବର୍ଷା ଆରମ୍ଭ ହୋଇଯାଇଥିଲା। ତୁହାକୁ ତୁହା ବର୍ଷା ହେବା ସହ ଜନଜୀବନ ପ୍ରଭାବିତ ହୋଇଥିଲା। ଶୀତ ଓ ବର୍ଷାରୁ ଘରୁ ବାହାରିବା କଷ୍ଟକର ହୋଇପଡ଼ିଥିଲା। ସମସ୍ତଙ୍କ ମୁହଁରେ ଗୋଟିଏ କଥା ଶୁଣିବାକୁ ମିଳୁଥିଲା ଓଃ କି ଶୀତ। ବର୍ଷା ପ୍ରଭାବରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବିଶେଷକରି ସନ୍ଧ୍ୟା ସମୟରେ ଶୀତ ଅଧିକ ଜଣାପଡିଥିଲା। ଜାତୀୟ ରାଜପଥରେ ଠାଏ ଠାଏ ପାଣି ଜମିବା ଫଳରେ ଯାନବାହନ ଚଳାଚଳ ମନ୍ଥର ହୋଇଥିଲା। ଏପରିକି ସହରର ବିଭିନ୍ନ ସ୍ଥାନରେ ଦୀର୍ଘ ସମୟ ଯାଏ ଟ୍ରାଫିକ୍ ଜାମ୍ ରହିଥିଲା। ନୟାପଲ୍ଲୀରୁ ଆଚାର୍ଯ୍ୟ ବିହାର ପର୍ଯ୍ୟନ୍ତ ଗାଡ଼ି ଦୀର୍ଘ ସମୟ ଅଟକି ରହିଥିବା ଦେଖିବାକୁ ମିଳିଥିଲା।





ଭୁବନେଶ୍ୱରରେ ପହଞ୍ଚିଥିବା ତିବ୍ବତୀ ୟୁଥ୍ କଂଗ୍ରେସର ବାଇକ୍ ଶୋଭାଯାତ୍ରାକାରୀ ଦଳକୁ ଲୋହିଆ ଏକାଡେମୀଠାରେ ସ୍ୱାଗତ କରାଯାଉଛି।

# ତିବ୍ବତର ସ୍ୱାଧୀନତା ପାଇଁ ବାଇକ୍ ଯାତ୍ରା

ଭୁବନେଶ୍ୱର, ୨୦।୧୨ (ବନ୍ଦନା ସେଠୀ)

ବୌଦ୍ଧ ଧର୍ମାବଲମ୍ବୀଙ୍କ ଦେଶ ତିବ୍ବତ ଏକ ସ୍ୱାଧୀନ ରାଷ୍ଟ୍ର, ଯାହାକୁ ଅବୈଧ ଭାବରେ ୧୯୫୯ରୁ ଚାଇନା ଦଖଲ କରିଛି। ଚାଇନା ସରକାର ତିବ୍ବତର ସାହିତ୍ୟ, ସଂସ୍କୃତି, ଚିକିତ୍ସା ପଦ୍ଧତି, ସଭ୍ୟତା ଓ ଜନ ଚେତନାକୁ ନଷ୍ଟ କରିବା ନିମନ୍ତେ ଭରପୂର ପ୍ରୟାସ ଚଳାଇଛି। ତେଣୁ ଚାଇନା ସରକାରଙ୍କ ଏଭଳି ଆଭିମୁଖ୍ୟକୁ ବିରୋଧ କରି ତିବ୍ବତୀ ୟୁଥ୍ କଂଗ୍ରେସ ପକ୍ଷରୁ ଅରୁଣାଚଳ ପ୍ରଦେଶର ତିବ୍ବତ ସୀମା ବୁମଲାରୁ ନଭେମ୍ବର ୨୨ରୁ ବାହାରିଥିବା ବାଇକ୍ ରାଲି ଏବେ ଓଡ଼ିଶାରେ ପହଞ୍ଚିଛି। ଶୁକ୍ରବାର ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ

**ଭୁବନେଶ୍ୱରରେ ସ୍ୱାଗତ**

ଏହି ଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଭାରତ ତିବ୍ବତ ମୈତ୍ରୀ ସଂଘର ଓଡିଶା ଚାପ୍ଟର ପକ୍ଷରୁ କୃଷ୍ଣା ମହାନ୍ତି, ଶାରଦା ଚରଣ ମହାନ୍ତି, ପ୍ରଫୁଲ୍ଲ ସାମନ୍ତରା, ଡ. ବିଶ୍ୱଜିତ୍, ଜଷ୍ଟିସ ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ତିବ୍ବତର ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ ଜଣାଇବା ସହ ଚାଇନାର ବିସ୍ତାରବାଦୀ ନୀତିର ଦୃଢ଼ ନିନ୍ଦା କରିଥିଲେ। ତିବ୍ବତର ସ୍ୱାଧୀନତା ଦାବିରେ ତିବ୍ବତ ୟୁଥ୍ କଂଗ୍ରେସର ସଭାପତି ଗୋମ୍ପୋ ଧୁଣ୍ଡୁପଙ୍କ ନେତୃତ୍ୱରେ ସେରିଂ ଚୋମ୍ପେଲ, ତେଞ୍ଜିନ ଲୋବସାଙ୍ଗ, ସେରିଙ୍ଗ ଦୋର୍ଜି, ରିଗଜେନ ଲାହୱାଙ୍ଗ, ଫୁଣ୍ଟସେକ ଦୟା ଭୂଟିଆ, ଥିନଲେ ନାମଗ୍ୟାଲ, ସୋହିୟାଲ ପ୍ରମୁଖ ଏହି ରାଲିରେ ସାମିଲ ହୋଇ ବିଭିନ୍ନ ରାଜ୍ୟ ବୁଲୁଛନ୍ତି। ଇତି ମଧ୍ୟରେ ସେମାନେ ୨୦ଟି ରାଜ୍ୟରେ ପ୍ରାୟ ୨୦ହଜାରରୁ ଅଧିକ କିମି ଯାତ୍ରା କରି ସାରିଲେଣି। ତିବ୍ବତ ଉପରେ ଚାଇନାର କର୍ତ୍ତୃତ୍ୱ ହଟାଇବା, ତିବ୍ବତବାସୀଙ୍କୁ ଗତ ୬୦ବର୍ଷ ଧରି ଭାରତ ସରକାର ଓ ଭାରତବାସୀ ଯେଉଁଭଳି ସମର୍ଥନ ଦେଇଛନ୍ତି ସେଥିପାଇଁ କୃତଜ୍ଞତା ଜଣାଇବା ଏବଂ ପାର୍ଲାମେଣ୍ଟରେ ତିବ୍ବତକୁ ନେଇ ଏକ ସ୍ୱତନ୍ତ୍ର ରିଜୋଲ୍ୟୁଶନ୍ ଆଣିବା ଏହି ରାଲିର ମୂଳ ଲକ୍ଷ୍ୟ ବୋଲି ଧୁଣ୍ଡୁପ କହିଛନ୍ତି। ସେହିପରି ଦାବି ପୂରଣ ପାଇଁ ଅରୁଣଚାଳ ପ୍ରଦେଶ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ, ବିହାର, ଝାଡ଼ଖଣ୍ଡ ରାଜ୍ୟପାଳ, ଏମ୍‌ପି ପ୍ରମୁଖଙ୍କୁ ପତ୍ର ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ଏକାଗ୍ରତା ବିଦ୍ୟାର୍ଥୀଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଏ

ବାଲିପାଟଣା,୨୦।୧୨(ଅଭିମନ୍ୟୁ ନାୟକ): ବନମାଳୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୭୭ତମ ବାର୍ଷିକ ଉତ୍ସବ ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅର୍ଣ୍ଣବ କୁମାର ବେଉରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ବେହେରା ଯୋଗଦେଇ ଏକାଗ୍ରତା ସଫଳତାର ଶୀର୍ଷରେ ପହଞ୍ଚାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଭବାନୀ ଶଙ୍କର ଦାଶ ଯୋଗଦେଇ ବିଦ୍ୟା ଅଧ୍ୟୟନ ନିଷ୍ଠା ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ସହ ଶିକ୍ଷାଧିକାରୀ ଯଶୋଦା ସାହୁ ଯୋଗଦେଇ ନିଜର ମାତୃଭାଷାକୁ ସମ୍ମାନ ଦେବା ଆମର ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ପଞ୍ଚସଖା ଶିକ୍ଷା ସେତୁ ଯୋଜନାର ସଭାପତି ଭରତ ଚନ୍ଦ୍ର ପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ଦାସ ଓ ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟତ୍ରୀ ତରାହ୍ନା ପରୱିନ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ କପିଳେଶ୍ୱର ସ୍ୱାଇଁ ସଂଯୋଜନା କରିଥିଲେ। କ୍ରୀଡ଼ା, ତର୍କ, ଚିତ୍ରାଙ୍କନ ବକ୍ତୃତା ପ୍ରଭୃତି ବିଭିନ୍ନ ପ୍ରତିଯୋଗିତାରକୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଂସ୍କୃତ ଶିକ୍ଷକ ଡ. ଶିଶିର କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# 'ଭାର୍ଗବୀ ତୀରର ଗନ୍ଧର୍ବ' ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର,୨୦।୧୨(ସୁଚିସ୍ମିତା ସାହୁ)

କେଦାରନାଥ ଗବେଷଣା ପ୍ରତିଷ୍ଠାନର ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପୂଜାରାଣୀ ପାଣିଙ୍କ ରଚିତ 'ଭାର୍ଗବୀ ତୀରର ଗନ୍ଧର୍ବ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ପକ୍ଷୀଘର ପ୍ରକାଶକ ବନୋଜ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ, ମୁଖ୍ୟବକ୍ତା ଡ.ଅଜୟ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସଂଳାପ ନିର୍ଦ୍ଦେଶକ ରଜନୀ ରଞ୍ଜନ ଦାସ, ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ବିଶିଷ୍ଟ ନାଟ୍ୟକାର ମନ୍ମଥ ଶତପଥୀ, କେଦାରନାଥ ଗବେଷଣା ପ୍ରତିଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ପାଣି ପ୍ରମୁଖ ଯୋଗଦେଇ ସଙ୍ଗୀତ ସୁଧାକର ବାଳକୃଷ୍ଣ ଜୀବନୀ ଉପରେ ଆଲୋକପାତ କରିଥିଲେ। ଡ.ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ କମଳିନୀ ମଳିକ ଧନ୍ୟବାଦ ପ୍ରଦାନ କରିଥିଲେ। ଶଙ୍କର୍ଷଣ ସାମଲ, ତନୟା ଦାସ ଗୋସ୍ୱାମୀ, ବିଜୟ କୁମାର ପଣ୍ଡା, ଅଜିତ କୁମାର ଶତପଥୀ, ଅରୁଣ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨୧ କାରିଗରଙ୍କୁ କର୍ମଶାଳା ଗୃହ ପ୍ରଦାନ



ଅଧିକାରୀଙ୍କ ସହ କର୍ମଶାଳା ଗୃହ ନିର୍ମାଣ କାର୍ଯ୍ୟାଦେଶ ପାଇଥିବା କାରିଗରମାନେ।

ବାଲକାଟୀ,୨୦।୧୨(ମନୋଜ ମଣ୍ଡଳ)

ବାଲକାଟୀ ରଥିଜେମା କଂସାରୀ ପରିବାର ବିକାଶ ଉନ୍ନୟନ ପରିଷଦ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର କର୍ମଶାଳା ଗୃହ ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ହସ୍ତତନ୍ତ, ବୟନ ଶିଳ୍ପ ଏବଂ ହସ୍ତଶିଳ୍ପ ବିଭାଗ ପକ୍ଷରୁ ବାଲିଅନ୍ତା ବ୍ଲକ ଅଞ୍ଚଳର ୨୧ ଜଣ କାରିଗରଙ୍କୁ କର୍ମଶାଳା ଗୃହ ବଣ୍ଟନ କରାଯାଇଛି। ବାଲକାଟୀ ରଥିଜେମା ଅଞ୍ଚଳର ୮ ଜଣ କଂସା ପିତ୍ତଳ କାରିଗର, କାକରୁଦ୍ରପୁର ଏବଂ ଖମଙ୍ଗ ଅଞ୍ଚଳର ୯ ଜଣ ତାଳପତ୍ର ଶିଳ୍ପୀ ଓ ପଟ୍ଟଚିତ୍ର କାରିଗରଙ୍କୁ କର୍ମଶାଳା ଗୃହ ନିର୍ମାଣ କାର୍ଯ୍ୟାଦେଶ ସହିତ କୋଡ଼ିଏ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କଂସାରୀ ପରିବାର ସଭାପତି ବୈଷ୍ଣବ ମହାରଣା ଅଧ୍ୟକ୍ଷତା କରିଥିଲେ। ହସ୍ତତନ୍ତ, ବୟନ ଏବଂ ହସ୍ତ ଶିଳ୍ପ ବିଭାଗ ଉପନିର୍ଦ୍ଦେଶକ ପ୍ରବୀଣା ନାୟକ, ହସ୍ତ ଶିଳ୍ପ ବିକାଶ ଅଧିକାରୀ ବରଫ ସେନାପତି, ସମ୍ବିତ ମିଶ୍ର ଏବଂ ସମବାୟ ସମିତି ନିରୀକ୍ଷକ ଦୀପିକା ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଅବସର ବୟସ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲା ସରକାରୀ ଅନୁଦାନପ୍ରାପ୍ତ କଲେଜ କର୍ମଚାରୀ ସଂଘ

ଭୁବନେଶ୍ୱର,୨୦।୧୨(ସୁଚିସ୍ମିତା ସାହୁ)

ଅନୁଦାନପ୍ରାପ୍ତ କଲେଜରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀଙ୍କ ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବାକୁ ଓଡିଶା ସରକାରୀ ଅନୁଦାନପ୍ରାପ୍ତ କଲେଜ କର୍ମଚାରୀ ସଂଘ ସରକାରଙ୍କଠାରେ ଦୃଢ଼ ଦାବି କରିଛନ୍ତି। ଉକ୍ତ ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ସଂଘ ଦାବି କରିଛି । ସଂଘର ସାଙ୍ଗଠନିକ ସମ୍ପାଦକ ସଚିତ୍ର କୁମାର ପାତ୍ର କହିଛନ୍ତି, ଉକ୍ତ ଦାବିର ଯଥାର୍ଥତା ଓ ଆବଶ୍ୟକତାକୁ ତୁରନ୍ତ ତର୍ଜମା କରାଯାଇ ନୂତନ ବର୍ଷରୁ ଏହାକୁ ସମସ୍ତ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ କରାଯାଉ। ଚଳିତ ଶିକ୍ଷାବର୍ଷଠାରୁ ରାଜ୍ୟ ସରକାର ନୂତନ ଶିକ୍ଷାନୀତି ୨୦୨୦କୁ ଓଡିଶାରେ ଲାଗୁ କରିଛନ୍ତି। ମାତ୍ର ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ବହୁ ବରିଷ୍ଠ ଶିକ୍ଷକ ଓ କର୍ମଚାରୀ ୨୦୨୪-୨୫ ଶିକ୍ଷା ବର୍ଷରୁ ଅବସର ନେବା ଆରମ୍ଭ କଲେଣି, ଯାହା ନୂତନ ଶିକ୍ଷାନୀତିର କାର୍ଯ୍ୟକାରିତା ଓ ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରସଙ୍ଗ ଉପରେ ତୁରନ୍ତ୍ ହସ୍ତକ୍ଷେପ କରିବାକୁ ସଂଘର ପ୍ରଦୀପ୍ତ କୁମାର ସାହୁ, ପ୍ରଭାକର ମିଶ୍ର, ବିଭାସ ମିଶ୍ର, ଦେବେନ୍ଦ୍ର ଦାସ, ବ୍ରଜ ସାହୁ, ଦେବାଂଶୁ ପ୍ରମାଣିକ ଓ ବାମଦେବ ହୋତା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ସ୍ଥାୟୀ ନିଯୁକ୍ତି ଦାବିକଲେ ଆୟୁଷ ଡାକ୍ତର

ଭୁବନେଶ୍ୱର,୨୦।୧୨(ସୁଚିସ୍ମିତା ସାହୁ)

ଚାକିରିକୁ ସ୍ଥାୟି କରିବା, ସ୍ଥାୟୀକରଣ ହେବା ପର୍ଯ୍ୟନ୍ତ ସମାନ କାମକୁ ସମାନ ଦରମା ପ୍ରଦାନ, ଅବସରକାଳୀନ ରାଶି ଏକକାଳୀନ ପ୍ରଦାନ, ୧୧ ମାସିଆ ଚୁକ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ ଆଦି ୧୦ ଦଫା ଦାବି ନେଇ ଓଡ଼ିଶାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ ଶୁକ୍ରବାର ଲୋୟର ପିଏମ୍‌ଜିଠାରେ ଧାରଣା ଦେଇଥିଲେ। ରାଜ୍ୟ ଆୟୁଷ ଡାକ୍ତର ମିଳିତ ମଞ୍ଚ ଅଧ୍ୟକ୍ଷ ଡା. ବିଶ୍ୱରଞ୍ଜନ ଜେନା, ସମ୍ପାଦକ ଡା. ହିମାଂଶୁ ଶେଖର ମିଶ୍ର, ଆବାହକ ଡା. ଦେବବ୍ରତ ବାରିକଙ୍କ ନେତୃତ୍ୱରେ ୩ହଜାରରୁ ଅଧିକ ଡାକ୍ତରଙ୍କ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଆୟୁଷ ଡାକ୍ତମାନେ ରାଜ୍ୟର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୨୦୦୧ ମସିହାରୁ ଏମ୍‌ଏଚ୍‌ୟୁ, ୨୦୦୭ ମସିହାରୁ କୋ-ଲୋକେଟେଡ଼ ଏବଂ ୨୦୧୩ ମସିହାରୁ ଆର୍‌ବିଏସ୍‌କେରେ ଅତି କମ୍ ବେତନରେ ଚାକିରି କରି ଆସୁଛନ୍ତି। ସମସ୍ତ ବର୍ଗର ଆୟୁଷ ଡାକ୍ତରମାନେ ଗ୍ରାମୀଣ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ଦିବସ, ଜାତୀୟ ଟିକାକରଣର ସହ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଅନୁଧାନ ଓ ତଦାରଖ କରୁଛନ୍ତି। ଏଥିସହ ବିଭିନ୍ନ ଦୁର୍ବିପାକ, ମହାମାରୀରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ରାଜ୍ୟରେ ଏହି ଡାକ୍ତରମାନେ ପ୍ରାୟ ୧୨ରୁ ୨୩ ବର୍ଷ ହେବ କାର୍ଯ୍ୟକରି ଆସୁଥିଲେ ମଧ୍ୟ ଯୋଗ୍ୟତା ଅନୁସାରେ ବେତନ ଓ ସ୍ଥାୟିତ୍ୱ ମିଳୁନାହିଁ। ବାରମ୍ବାର ଦାବି ଜଣାଇବା ପରେ ପ୍ରତିଶ୍ରୁତି ମିଳିଥିବା ସତ୍ତ୍ୱେ ସରକାର ସେମାନଙ୍କୁ ଅଣଦେଖା କରୁଛନ୍ତି ବୋଲି ରାଜ୍ୟର ଆୟୁଷ ଡାକ୍ତର ମିଳିତ ମଞ୍ଚର ଅଧ୍ୟକ୍ଷ ଡା. ଜେନା କ୍ଷୋଭର ସହ କହିଛନ୍ତି।




ରାଜ୍ୟ ଆୟୁଷ ଡାକ୍ତର ମିଳିତ ମଞ୍ଚ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ପ୍ରବାସୀ ଭାରତୀୟ ସମାରୋହ ଏକ ଭାବନାତ୍ମକ କାର୍ଯ୍ୟକ୍ରମ: ପିଆଇବି ଏଡିଜି

ଭୁବନେଶ୍ୱର,୨୦।୧୨(ଅନିଲ ଦାସ)



ଆଇଏମ୍‌ପିସିସି ବୈଠକରେ ଉପସ୍ଥିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ।

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ବିଭିନ୍ନ ଗଣମାଧ୍ୟମ ସଂସ୍ଥାରେ ସମନ୍ୱୟ ରକ୍ଷା କରୁଥିବା ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି (ଆଇଏମ୍‌ପିସିସି) ବୈଠକ ଶୁକ୍ରବାର ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପରିସରରେ ଅନୁଷ୍ଠିତ ହୋଇଯାଇଛି। ପିଆଇବି ତଥା କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି)ର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଜାନୁୟାରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମାରୋହ ଅନୁଷ୍ଠିତ ହେବ। ଅଖିଳ କହିଛନ୍ତି, ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଚାର ପ୍ରସାର ରଣନୀତି ପ୍ରସ୍ତୁତି ଲାଗି ଆଇଏମ୍‌ପିସିସିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ସମିତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସୂଚନା ସେବା ଓ ଲୋକସମ୍ପର୍କ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିଥାଏ। ଓଡ଼ିଶା ସରକାରଙ୍କ ସହଯୋଗରେ ଭାରତ ସରକାରଙ୍କ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି ଏକ ବଡ଼ କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ପ୍ରବାସୀ ଭାରତୀୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ସରକାରୀ ଗଣମାଧ୍ୟମ ସଂସ୍ଥାଗୁଡ଼ିକ କାର୍ଯ୍ୟକ୍ରମକୁ ନେଇ ବ୍ୟାପକ ପ୍ରଚାରପ୍ରସାର ପ୍ରତି ଯତ୍ନବାନ ହେବା ଲାଗି ସେ ପରାମର୍ଶ ଦେଇଛନ୍ତି। ସେହିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଦେବପ୍ରସାଦ ଦାଶ କହିଛନ୍ତି, ଉକ୍ତ କାର୍ଯ୍ୟକ୍ରମରେ

**ଆଇଏମ୍‌ପିସିସି ବୈଠକ**

୭ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଯୋଗଦେବେ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସମନ୍ୱୟ ରକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଆଇଆଇଏମ୍‌ସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ କେ. ପ୍ରଧାନ ଏଭଳି କାର୍ଯ୍ୟକ୍ରମରେ ରଣନୀତିକ ପ୍ରଚାର ପ୍ରସାରର ଆବଶ୍ୟକତା ଉପରେ ପ୍ରାଧାନ୍ୟ ଦେଇଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ନିର୍ଦ୍ଦେଶକ ଡକ୍ଟର ଗିରିଶ ଦାଶ ବୈଠକରେ ଉଦ୍‌ଯାପନୀ ଭାଷଣ ଦେଇଥିଲେ। ପିଆଇବିର ଉପନିର୍ଦ୍ଦେଶକ ମନୋଜ କୁମାର ଜାଳି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ବୈଠକରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଆଞ୍ଚଳିକ ସମାଚାର ବିଭାଗ ମୁଖ୍ୟ ଡକ୍ଟର ଅଭିଷେକ ମିଶ୍ରା, ଆକାଶବାଣୀର ଉପନିର୍ଦ୍ଦେଶକ ପ୍ରକାଶ ଦାଶ, ପାସ୍‌ପୋର୍ଟ କାର୍ଯ୍ୟାଳୟ ଅଧିକାରୀ ପ୍ରେମ୍ ସିଂ, ଏମ୍‌ପିଇଡିଏର ଅତିରିକ୍ତ ନିର୍ଦ୍ଦେଶକ ଅନୀଷା ଟି.ଏ, ବିଏସ୍‌ଏନ୍‌ଏଲ୍‌ର ଅତିରିକ୍ତ ନିର୍ଦ୍ଦେଶକ (ଲୋକ ସମ୍ପର୍କ) ଭାଗ୍ୟ ରଞ୍ଜନ ଜେନା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଭୁବନେଶ୍ୱର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜୟନ୍ତ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ୩୬ ଅଭିଯୋଗ ଶୁଣିଲେ ବିଡିଓ

କୃଷ୍ଣପ୍ରସାଦ, ୨୦।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ସୁଶାସନ ସପ୍ତାହ ପାଳନ ଅବସରରେ ପ୍ରଶାସନିକ ଅଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ଛାଡ଼ି ଗାଁମୁହାଁ ହୋଇଥିବା ଜଣାପଡ଼ିଛି। ତୃଣମୂଳସ୍ତରରେ ଶାସନ ବ୍ୟବସ୍ଥାକୁ ପହଞ୍ଚାଇବା ପାଇଁ ଶୁକ୍ରବାର ବଜ୍ରକୋଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୃଷ୍ଣପ୍ରସାଦ ବିଡିଓ ଅମିୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭତ୍ତା, ରାଶନକାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧୀୟ ୩୬ଟି ଅଭିଯୋଗ ଗ୍ରହଣ କରାଯିବା ସହ ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ବିଡିଓ ପଣ୍ଡା ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ବଜ୍ରକୋଟ ସରପଞ୍ଚ ପ୍ରଦୀପ କୁମାର ସେଠୀ, ଯୋଗାଣ ନିରୀକ୍ଷକ ସଞ୍ଜୀବଦର୍ଶନ ଦାସ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରିଣୀ ସାଧନା ସାହୁ, ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ର ହାଁସ୍‌ଦା, ଗ୍ରାମ ରୋଜଗାର ସେବକ ତୁଷାରକାନ୍ତ ସାହୁ, ସାମାଜିକ କର୍ମୀ ଅଶୋକ କୁମାର ସାମନ୍ତରାୟ, ବରିଷ୍ଠ କିରାଣି ଜିତେନ୍ଦ୍ର ପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ସମୁଦ୍ରରେ ପଇଁତରା

କୃଷ୍ଣପ୍ରସାଦ, ୨୦।୧୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ଉପକୂଳରେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେଙ୍କ ସୁରକ୍ଷିତ ଅଣ୍ଡାଦାନ ପାଇଁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବାଲୁଗାଁ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକଙ୍କ ନିର୍ଦ୍ଦେଶକ୍ରମେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ କୃଷ୍ଣପ୍ରସାଦ ବ୍ଲକର ନବାଠାରୁ ନନ୍ଦଳା ପର୍ଯ୍ୟନ୍ତ ସମୁଦ୍ର ମଧ୍ୟରେ କୋଷ୍ଟଗାର୍ଡଙ୍କ ଦ୍ୱାରା ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ଟ୍ରଲର ପ୍ରବେଶକୁ ବାରଣ କରାଯିବା ସହିତ ଅବାଧ ପ୍ରବେଶ ଉପରେ ତୀକ୍ଷ୍ଣ ନଜର ରଖିଥିବା ରମ୍ଭା ରେଞ୍ଜର ରଶ୍ମିତା ଜେନା ପ୍ରକାଶ କରିଛନ୍ତି। ମତ୍ସ୍ୟଜୀବୀମାନେ କଇଁଛ ଓ ଶାବକଙ୍କ ସୁରକ୍ଷା ନେଇ ସଚେତନତା ହେବା ଜରୁରୀ। ଯଦି ଯନ୍ତ୍ରଚାଳିତ ବୋଟ୍‌କୁ ନେଇ ମତ୍ସ୍ୟଜୀବୀଙ୍କ ଅବାଧ ପ୍ରବେଶ ଦେଖାଦିଏ, ତେବେ ନିକଟସ୍ଥ ବନ୍ୟପ୍ରାଣୀ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଜଣାଇବା ଆବଶ୍ୟକ ବୋଲି ରମ୍ଭା ବନାଞ୍ଚଳ ଅଧିକାରୀ କହିଛନ୍ତି। ପିଟିଶାଳ ସେକ୍ସନ ବନପାଳ ପ୍ରଣୟ କୁମାର ଜୟସିଂହଙ୍କ ନେତୃତ୍ୱରେ ବନରକ୍ଷୀ ଅନିଲ ସାହୁ ଓ ସନ୍ତୋଷ ସାହୁଙ୍କ ସମେତ ସୁରକ୍ଷାକର୍ମୀମାନେ ଏହି ପାଟ୍ରୋଲିଂରେ ସାମିଲ ହୋଇଥିଲେ।

### ଶୌର୍ଯ୍ୟ ଜାଗରଣ ଦିବସରେ ମଶାଲ ଶୋଭାଯାତ୍ରା

ବେଗୁନିଆ, ୨୦।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାସ୍ଥିତ ହନୁମାନ ମନ୍ଦିର ପରିସରରୁ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଶୌର୍ଯ୍ୟ ଜାଗରଣ ଦିବସ ଅବସରରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଜରଙ୍ଗ ଦଳର ବହୁ ବ୍ୟକ୍ତି ବିଶେଷ ଓ ଯୁବକ ବିଭିନ୍ନ ସ୍ଲୋଗାନ ଦେଇ ବଜାର ଏବଂ ସାହି ପରିକ୍ରମା କରି ମନ୍ଦିରଠାରେ ପହଞ୍ଚିଥିଲେ।

### ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କ ସ୍ମୃତିଚାରଣ

ବୋଲଗଡ, ୨୦।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାନପଦର ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କ ଏକାଦଶ ସ୍ମୃତିଚାରଣ ସମାରୋହ ବୃନ୍ଦାବତୀ କ୍ଲବ ସଭାଗୃହଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ସ୍ମୃତି ସଂସଦ ସଭାପତି ରାଜକିଶୋର ବ୍ରହ୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ ଶ୍ରୀକାନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ପୂର୍ଣ୍ଣଚନ୍ଦ୍ରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଦେଉଳି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ ଜେନା, ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ କାଳୀଚରଣ ଜୟସିଂହ, ବୋଲଗଡ଼ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସାନପଦର ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ସମିତି ସଭ୍ୟ ଦିଲୀପ ମହାପାତ୍ର, ପୂର୍ବତନ ସରପଞ୍ଚ ନାରାୟଣ ବଳିଆରସିଂହ, ସମ୍ପାଦକ ଅର୍ଜୁନ ପଟ୍ଟନାୟକ, ଶିକ୍ଷକ ବିଜୟ ସାହୁ, ଦୁର୍ଗାପ୍ରସାଦ ସୁବୁଦ୍ଧି, ଅଜୟ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଆବାହକ ସୁନୀଲ କୁମାର ଦଳାଇ ଧନ୍ୟବାଦ ଦେଇଥିଲେ।

# ରାସ୍ତା ପାର୍ଶ୍ୱକୁ ଖସିଲା ବସ୍, ୧୦ ଆହତ

ବାଲୁଗାଁ, ୨୦।୧୨ (ସଂଗ୍ରାମ ପାଇକରାୟ)



୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅନ୍ତର୍ଗତ ନୂଆଗଡ଼ ଛକ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ବିଲକୁ ଖସିପଡ଼ିଛି। ଫଳରେ ବସ୍‌ରେ ଥିବା ୩୦ ଯାତ୍ରୀଙ୍କ ମଧ୍ୟରୁ ୧୦ ଜଣ ଆହତ ହୋଇଛନ୍ତି। ସୂଚନା ମୁତାବକ, ବୃନ୍ଦାବନ ନାମକ ଏକ ଘରୋଇ ବସ୍ (ନଂ. ଓଡି ୦୨ ବିକେ ୫୧୨୭) ଶୁକ୍ରବାର ବ୍ରହ୍ମପୁରରୁ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଦିନତମାମ ବର୍ଷା ଯୋଗୁ ଅସାବଧାନତାବଶତଃ ବସ୍‌ଟି ହଠାତ ଭାରସାମ୍ୟ ହରାଇ ନୂଆଗଡ଼ ଛକର ଅନତି ଦୂରରେ ରାସ୍ତା ପାର୍ଶ୍ୱ ବିଲ ଭିତରକୁ ଖସିପଡ଼ିଥିଲା। ଘଟଣା ସମ୍ପର୍କରେ ଖବର ପାଇ ନାଭାଲ ଫାଣ୍ଡି ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସେମାନଙ୍କ ମଧ୍ୟରୁ ଆହତ ୧୦ ଜଣଙ୍କୁ ଚିକିତ୍ସା ନିମନ୍ତେ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷେ ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପର ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ନେଇ ପୋଲିସ ତଦନ୍ତ ଜାରି ରଖିଛି।

## ମନୋବଳ, ସ୍ୱାସ୍ଥ୍ୟକୁ ଫିଟ୍ ରଖେ କ୍ରୀଡ଼ା

**ଭୁଆସୁଣୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ**

ବେଗୁନିଆ, ୨୦।୧୨(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଭୁଆସୁଣୀ ପାଟଣା ଉଚ୍ଚ ବିଦ୍ୟାଳୟରେ ୩ ଦିନ ଧରି ଚାଲୁଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଡ. ଗଣେଶ୍ୱର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଚନ୍ଦ୍ରକାନ୍ତି ନାୟକ, ସିଆର୍‌ସିସି ରୀନାରାଣୀ ସାହୁ ଏବଂ ଜାଗେଶ୍ୱର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ପିଲାଙ୍କ ମନୋବଳ ବୃଦ୍ଧି କରେ। ଏହା ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ଫିଟ୍ ରୁହେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବୋଲଗଡ଼ ଅଞ୍ଚଳର ସାମାଜିକ କର୍ମୀ ବୀରକିଶୋର ଦାସ, ଶିଳ୍ପୀ ସୁବାସ ସେଠୀ, ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ର, ଏବିଇଓ ଲକ୍ଷ୍ମୀ ଦେଈ ଏବଂ ରଶ୍ମିବାଳା ପରିଡ଼ାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଝୋଟି, ଖାଦ୍ୟ ମେଳା ଓ ନୃତ୍ୟ ଗୀତ ପରିବେଷଣ ଆଦି ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷକ କୈଳାଶ ଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିଲେ। ଶିକ୍ଷକ ରାଜକିଶୋର ଗଡ଼ବାଡ଼, ପ୍ରମୋଦ ଜେନା, ଗୁରେଇ ସାହୁ, ଆଦିତ୍ୟ ପ୍ରସାଦ ରଥ, ରମେଶ ଚନ୍ଦ୍ର ସାହୁ, ସମୀର ବେହେରା, ଦୁର୍ଯ୍ୟୋଧନ ବେହେରା, ଦିଲୀପ ଜାଲି, ସଭାପତି ବଂଶୀଧର ଦଳାଇ, ସୁକାନ୍ତ କୁମାର ଦଳାଇ, ନାରାୟଣ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବେଗୁନିଆ, ୨୦।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ସହକାରୀ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ବିଡିଓ ଲକ୍ଷ୍ମୀଧର ସାହୁ ବିଶିଷ୍ଟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ବରେଣ୍ୟ ଅତିଥି, ଆଲୁମ୍‌ନି କମିଟି ସଭାପତି ଶିବ ନାରାୟଣ ମିଶ୍ର, ସମିତିସଭ୍ୟା ମାମା ନାୟକ, ସାଧନକେନ୍ଦ୍ର ସଂଯୋଜକ ହେମନ୍ତ କୁମାର ସାହୁ, ଶିକ୍ଷାବିତ୍ ଅନୁପ ପାଢ଼ୀ, ସମାଜସେବୀ ଶିଶିର କୁମାର ଆଚାର୍ଯ୍ୟ ଏବଂ ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଦ୍ୱାରା ଶରୀର ଓ ମନ ସୁସ୍ଥ ରହିଥାଏ ବୋଲି ଅତିଥିମାନେ କହିବା ସହ ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଶେଷରେ ବିଧାୟକ ସାହୁ ଏକ ସାଇକେଲ ଷ୍ଟାଣ୍ଡ ଉଦ୍‌ଘାଟନ କରିଥିଲେ।

### ବର୍ଷା ପାଇଁ ଖୋର୍ଦ୍ଧା ମହୋତ୍ସବ ୬ଷ୍ଠ ସନ୍ଧ୍ୟା ବନ୍ଦ

ଖୋର୍ଦ୍ଧା, ୨୦।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ଶୁକ୍ରବାର ଦିନତମାମ ଲଘୁଚାପଜନିତ ବର୍ଷା ଲାଗିରହିଛି। କାଁ ଭାଁ ଲୋକଙ୍କୁ ଛାଡ଼ିଦେଲେ ବଜାର ପ୍ରାୟ ଶୂନଶାନ ରହିଛି। ଅନ୍ୟପଟେ ବର୍ଷା ଯୋଗୁ ଖୋର୍ଦ୍ଧା ମହୋତ୍ସବ ୬ଷ୍ଠ ଦିବସ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଛି ବୋଲି ଆୟୋଜକ କମିଟି କାର୍ଯ୍ୟକାରୀ ସଭାପତି ସଞ୍ଜୟ ପଟ୍ଟନାୟକ ସୂଚନା ଦେଇଛନ୍ତି। ବର୍ଷା ପ୍ରଭାବରେ ହାବେଳି ପଡ଼ିଆ ଏବଂ ନିକଟରେ ପଡ଼ିଥିବା ରାମଦୋଳି, ମୌତା କା କୁଆଁ, ମୀନାବଜାର ପ୍ରଭୃତି ସ୍ଥାନରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ବର୍ଷା ଯୋଗୁ ମହୋତ୍ସବରେ ଖୋଲିଥିବା ଦୋକାନ, ବଜାର ସବୁ ବନ୍ଦ ରହିଥିବା ବେଳେ ୫ଦିନ ବ୍ୟାପୀ ରହିଥିବା କୋଳାହଳପୂର୍ଣ୍ଣ ବାତାବରଣ ଆଜି ନୀରବି ଯାଇଛି। ଶନିବାର ମଧ ବର୍ଷା ସମ୍ଭାବନା ରହିଛି। ବର୍ଷା ପାଗକୁ ଦେଖି ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି ପଟ୍ଟନାୟକ କହିଛନ୍ତି।

## ପାଣିପଞ୍ଚାୟତ ପକ୍ଷ ଅବସରରେ ପ୍ରତିଯୋଗିତା



ଟାଙ୍ଗୀ (ଖୋର୍ଦ୍ଧା), ୨୦।୧୨(ରଘୁନାଥ ସାହୁ)

ଜଳସମ୍ପଦ ବିଭାଗ ତରଫରୁ ପାଣିପଞ୍ଚାୟତ ପକ୍ଷ ପାଳନ ଅବସରରେ ଏକ ବିଭାଜନ ସ୍ତରୀୟ ପ୍ରତିଯୋଗିତା ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଟାଙ୍ଗୀ, ଚିଲିକା, ବାଣପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇଥିଲେ। ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁବାଳା ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ କୁମାର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ଜ୍ଞାନ, ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାରେ ଅଷ୍ଟମଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧରେ ନୂଆପଡ଼ା ପଦ୍ମକୁମୁଦ ବିଦ୍ୟାନିକେତନର ସଙ୍ଗୀତା ସ୍ୱାଇଁ, ବକ୍ତୃତାରେ ଅଚ୍ୟୁତପୁର ଦାଶରଥି ଉଚ୍ଚ ବିଦ୍ୟାଳୟର ଓମ୍‌ପ୍ରକାଶ ମହାପାତ୍ର, କୁଇଜ୍‌ରେ ରମାବିଲି ରାମଚନ୍ଦ୍ର ବିଦ୍ୟାନିକେତନର ଗୁରୁପ୍ରସାଦ ଶତପଥୀ, ଚିତ୍ରକଳାରେ ବାଲିପାଟପୁର ରିଫ୍ୟୁଜି ହାଇସ୍କୁଲର କାହ୍ନୁ ବେହେରା, ମଡେଲରେ କୁହୁଡ଼ି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରିୟଙ୍କା ପେଣ୍ଠୋଇ ପ୍ରଥମ ସ୍ଥାନ ହାସଲ କରିଥିଲେ। ସିଆର୍‌ସିସି କାହ୍ନୁଚରଣ ବେହେରା, ଦୀନବନ୍ଧୁ ପୃଷ୍ଟି, ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## 'ସୁନିଶ୍ଚିତ' କାର୍ଯ୍ୟକ୍ରମ ଶୁଭାରମ୍ଭ

ବେଗୁନିଆ, ୨୦।୧୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ 'ସୁନିଶ୍ଚିତ' କାର୍ଯ୍ୟକ୍ରମ ଗୁରୁବାର ଶୁଭାରମ୍ଭ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରିମେଡିଆଲ ତଥା ମୋଟିଭେସନାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୨୫ ଶିକ୍ଷାବର୍ଷରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଶତପ୍ରତିଶତ ଫଳାଫଳ ଏବଂ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ଅଭିମୁଖ୍ୟ ଉଦ୍ଦେଶ୍ୟରେ 'ସୁନିଶ୍ଚିତ' କାର୍ଯ୍ୟକ୍ରମ ଜାରି ରହିବ। ବ୍ଲକ୍‌ର ୩୦ଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଏ ଗ୍ରେଡ୍ ଆଶାୟୀ ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଷୟର ପାଠ୍ୟକ୍ରମକୁ ପିଲାମାନେ କିପରି ସହଜ ଏବଂ ସରଳ ଉପାୟରେ ବୁଝିପାରିବେ ସେ ସମ୍ପର୍କରେ ଗୁରୁତ୍ୱ ଦିଆଯିବ। ଛାତ୍ରୀଛାତ୍ର ବିକଶିତ ଭାରତର ବଳିଷ୍ଠ ମାଧ୍ୟମ। କଠିନ ପରିଶ୍ରମକରି ଅସମ୍ଭବକୁ ସମ୍ଭବକରି ଦେଖାଇବା ତୁମର ମୂଳଲକ୍ଷ୍ୟ ରହିବା ଆବଶ୍ୟକ ବୋଲି ବିଇଓ ଲେଙ୍କା କହିଥିଲେ। ପିଲାମାନଙ୍କ ମଧ୍ୟରେ ଏକ ବହୁ ବିକଳ୍ପ ଉତ୍ତର ବିଶିଷ୍ଟ ପରୀକ୍ଷା କରାଯାଇଥିଲା। ବିଭିନ୍ନ ବିଷୟରେ ପିଲାମାନଙ୍କର ମନରେ ରହିଥିବା ଦ୍ୱନ୍ଦ୍ୱ ଏବଂ ଭୟକୁ ପ୍ରଶିକ୍ଷକମାନେ ଦୂର କରିଥିଲେ। ଓଡ଼ିଆ ବିଷୟରେ ପ୍ରଶିକ୍ଷକଭାବେ ନଳିନୀକାନ୍ତ ପଣ୍ଡା, ରତିକାନ୍ତ କହଳସିଂହ, ଅକ୍ଷୟ ମହାପାତ୍ର ଏବଂ ଇଂଲିଶ ବିଷୟରେ ଶିବ ନାରାୟଣ ଦାଶ, ଜୀବବିଜ୍ଞାନରେ ଗଣେଶ୍ୱର ମିଶ୍ର, ଶ୍ରୀନିବାସ ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଗଣିତ ବିଷୟରେ ହରିବନ୍ଧୁ ତ୍ରିପାଠୀ, ପ୍ରଭାତ ସାହୁ ଏବଂ ଭୌତିକ ବିଜ୍ଞାନରେ ସ୍ମୃତିରାଣୀ ବେହେରା, ଜ୍ୟୋସ୍ନାରାଣୀ ରଥ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟପକ୍ଷରେ ଆଗାମୀ ଶିକ୍ଷା ବର୍ଷରେ କିପରି ଏହି କାର୍ଯ୍ୟକ୍ରମ ସଫଳ ହେବା ସହ ଫଳାଫଳ ଶତପ୍ରତିଶତ ହେବ ସେ ନେଇ ସମସ୍ତ ଶିକ୍ଷକ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା।

## 'ଜୀବନରେ ହାସ୍ୟରସ' ଶୀର୍ଷକ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା, ୨୦।୧୨(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀ ଭବନରେ 'ଜୀବନରେ ହାସ୍ୟରସ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାଧାନାଥ ବେହେରା ଯୋଗଦେଇ ଜୀବନରେ ହାସ୍ୟରସର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର, ଡ. ବିନ୍ଧୁଶ୍ରୀ ମିଶ୍ର, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଜର କ୍ଷୀରୋଧ ପ୍ରସାଦ ମହାନ୍ତି, ଉପାଧ୍ୟକ୍ଷ ଡ. ପ୍ରଣବ କିଶୋର ମହାନ୍ତି, ଡ. ପ୍ରିୟବ୍ରତ ମହାନ୍ତି, ଡ. ଲଡୁକେଶ ପ୍ରସାଦ ମିଶ୍ର, ଡ. ନନ୍ଦିତା ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀ ଛାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଆନ୍ତଃମହାବିଦ୍ୟାଳୟ ଯୋଗ ପ୍ରତିଯୋଗିତା

ଖୋର୍ଦ୍ଧା, ୨୦।୧୨(ପ୍ରଭାତ ପାଣିଗ୍ରାହୀ)

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଆନ୍ତଃମହାବିଦ୍ୟାଳୟସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରର କୃଷ୍ଣଚନ୍ଦ୍ର ଜାନି, ଖ୍ରୀଷ୍ଟ ମହାବିଦ୍ୟାଳୟ କଟକର ସମ୍ବିତ ପରିଡା, ଆଦିତ୍ୟ ପରିଡା, ସଙ୍ଗୀତା ପରିଡା, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପୁରୀର ପପୁ ବେହେରା, ପତିତପାବନ, ଆରାଧନା, ବିଶ୍ୱରୂପା କଲ୍ୟାଣୀ ପଟ୍ଟନାୟକ, ଡେରାବିଶ ମହାବିଦ୍ୟାଳୟର ଶୁଭଶ୍ରୀ ସରିତା ରାଉତ, ସ୍ଥିତପ୍ରଜ୍ଞା ମହାନ୍ତି, ସ୍ମୃତି ମଲିକ ଏବଂ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଶୁଭଶ୍ରୀ ପଣ୍ଡା ପ୍ରମୁଖ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିଲେ। ରେଫରି ଭାବେ ଚନ୍ଦ୍ରକାନ୍ତ ବାରିକ, ସ୍ନେହାସିନୀ ମହାନ୍ତି, ଭଞ୍ଜକିଶୋର ଜାଲି ଯୋଗଦେଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପର୍ଯ୍ୟବେକ୍ଷକ ଭାବେ ଡ. ପ୍ରବୀର ମହାନ୍ତି ଉପସ୍ଥିତ ଥିଲେ। ପିଏନ୍ କଲେଜ କ୍ରୀଡ଼ା ଅଧ୍ୟାପିକା ସନ୍ଧ୍ୟା ରଥ ଏବଂ ଅଧ୍ୟାପକ ଶେଖ୍ ସିରାଜ୍ ପ୍ରତିଯୋଗିତା ପରିଚାଳନା କରିଥିଲେ। ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର, ଉପାଧ୍ୟକ୍ଷ ଡ. ପ୍ରଣବ କିଶୋର ମହାନ୍ତି, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ଡ. ପ୍ରିୟବ୍ରତ ମହାନ୍ତି, ଡ. ପୂର୍ଣ୍ଣଚନ୍ଦ୍ର ବୈଶାଖ ଓ ବ୍ରଜକିଶୋର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସମ୍ବର୍ଦ୍ଧନା ଉତ୍ସବ



ନିରାକାରପୁର, ୨୦।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତଠାରେ ଥିବା ଲଳିତା ପାଟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ପ୍ରତିଭା ଅନ୍ୱେଷଣ ଓ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପ୍ରଧାନ ଶିକ୍ଷକ ପଦ୍ମନାଭ ରଥ ଏଥିରେ ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ମନସ୍ୱିନୀ ବଳିଆରସିଂହ, ନୀଳକଣ୍ଠ ମିଶ୍ର, ରଘୁନାଥ ତ୍ରିପାଠୀ, ପରିଚାଳନା କମିଟି ସଭାପତି ପଞ୍ଚାନନ ସାମନ୍ତରାୟ, ଉପସଭାପତି ଚାରୁଲତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମମତା ବାହିନୀପତି ଅତିଥି ପରିଚୟ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫିମାନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରିଙ୍କି ଦାସ, ଗଦାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଧରଣୀଧର ମହତରାୟ ଧନ୍ୟବାଦ ଦେଇଥିଲେ।

## ୨୬ରେ ବୋଲଗଡ଼ ମହୋତ୍ସବ 'ଆଶା'



ବୋଲଗଡ଼, ୨୦।୧୨(ଦେବବ୍ରତ ହୋତା)

୨୧ତମ ବୋଲଗଡ଼ ମହୋତ୍ସବ ଆଶା-୨୦୨୪ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ। ଏନେଇ ଶୁକ୍ରବାର ତୃତୀୟ ପ୍ରସ୍ତୁତି ବୈଠକ ମହୋତ୍ସବ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ମହୋତ୍ସବ କମିଟି ସଭାପତି ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମହୋତ୍ସବ ଆୟୋଜନ ନେଇ ଅନେକ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୁଖ୍ୟତଃ ମହୋତ୍ସବ ପାଇଁ ଅତିଥି ଚୟନ, କଳାକାର ଚୟନ, ନିମନ୍ତ୍ରଣ, ସମ୍ବର୍ଦ୍ଧନା, ସ୍ମରଣିକା, ପ୍ରଚାର, ସ୍ଥାନ ଆବଣ୍ଟନ, ଆୟବ୍ୟୟ, ସ୍ଥାନୀୟ ଲୋକକଳା ଦଳ ଓ ପ୍ରତିଭାଙ୍କୁ ଆମନ୍ତ୍ରଣ ନେଇ ଆଲୋଚନା ହୋଇଥିଲା। କମିଟି ସାଧାରଣ ସମ୍ପାଦକ ବୀରକିଶୋର ଦାସ, ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର ପରିଡ଼ା, ପ୍ୟାରୀମୋହନ ଦାସ, ମନୋଜ ପଣ୍ଡା ଓ ଲଲାଟେନ୍ଦୁ କେଶରୀ ସିଂହ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଫୁଲ୍ଲ ମହାନ୍ତି, ଗୌରୀ ଦେବୀ, ଗଦାଧର ଚମ୍ପତି, ଉମେଶ ମହାପାତ୍ର, କାବୁ ଚମ୍ପତିରାୟ, ଜୟକୃଷ୍ଣ ଦଳବେହେରା, ଧୀରେଶ ମହାପାତ୍ର, ଜିତେନ୍ଦ୍ର କୁମାର ମାର୍ଥା, ନବକିଶୋର ପ୍ରଧାନ, କମଳକାନ୍ତ ବେବର୍ତ୍ତା ପଟ୍ଟନାୟକ, ସୁଧୀର କୁମାର ନିଶଙ୍କ, ଗୁରୁକୃଷ୍ଣ ଦୁଖାନନ୍ଦ ସାମନ୍ତରାୟ ଓ ସତ୍ୟପ୍ରିୟ ପରିଡ଼ା ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ମହୋତ୍ସବ ସମ୍ପର୍କରେ ସୁଚିନ୍ତିତ ମତାମତ ରଖିଥିଲେ। ବିଧାୟକ ସାହୁ ଧନ୍ୟବାଦ ଦେଇଥିଲେ।

## ସତର୍କ, ସଚେତନ ହେଲେ ସାଇବର ଅପରାଧ ରୋକାଯାଇପାରିବ

ଟାଙ୍ଗୀ(ଖୋର୍ଦ୍ଧା), ୨୦।୧୨(ରଘୁନାଥ ସାହୁ)



କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିମାନେ।

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ 'ସାଇବର ଅପରାଧ ଓ ପ୍ରତିକାର ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ପୋଲିସ ବିଭାଗ ପକ୍ଷରୁ ସାଇବର ବିଶେଷଜ୍ଞ କେ. ଦୀନେଶ ଯୋଗଦେଇ ଡିଜିଟାଲ କ୍ରାଇମ୍‌ରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ଫାଇନାନ୍ସ ଓ ଲିଟେରାସି ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ କହିଥିଲେ, ଆଜିପର୍ଯ୍ୟନ୍ତ ସାଇବର ଅପରାଧକୁ ବନ୍ଦ କରିବା ପାଇଁ କୌଣସି ବ୍ୟବସ୍ଥା ବାହାରିପାରିନାହିଁ। କେବଳ ସମସ୍ତେ ସତର୍କ ଓ ସଚେତନ ରହିଲେ ସାଇବର ଅପରାଧକୁ ରୋକାଯାଇପାରିବ। ବିଶେଷକରି ଅପରାଧୀମାନେ ପାସ୍‌ୱାର୍ଡ, ପିନ୍‌କୋଡ୍, ପାର୍ସଲ ଦେବା, ଡିଜିଟାଲ ଆରେଷ୍ଟ, ପରିବାର ସଦସ୍ୟ ଆରେଷ୍ଟ, ମ୍ୟୁଚୁଆଲ ଫଣ୍ଡ, ଟ୍ରେଡିଂ ଶେୟାର, ଚାକିରି କରିବାକୁ କହି, ଲଟେରି ଉଠିଛି, ଟଙ୍କା ଉଠାଣ, ଟ୍ୟାକ୍ସ ରିଟର୍ନ ଆଳକରି ଅପରାଧ ଘଟାଉଛନ୍ତି। ତେଣୁ ଆମେ ସମସ୍ତେ ଏଥିପ୍ରତି ସତର୍କ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ। ବୈଠକରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଚାନ୍ଦପୁର ଏସ୍‌ବିଆଇ କିଓସ୍କ ପରିଚାଳିକା ଭାରତୀ ପାତ୍ର, ପ୍ରଧାନ ଶିକ୍ଷକ ସୁରେଶ କୁମାର ବେହେରା ଉପସ୍ଥିତ ଥିଲେ। ସମ୍ପାଦକ ବିଜୟ କୁମାର ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହସମ୍ପାଦକ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସଭାପତି ଡ. ଚନ୍ଦ୍ରଶେଖର ଦାଶ, ସୁରେନ୍ଦ୍ର କୁମାର ରାଉତ, ସହସମ୍ପାଦକ ଶତ୍ରୁଘ୍ନ ପ୍ରଧାନ, କୋଷାଧ୍ୟକ୍ଷ ଉମେଶ ପ୍ରସାଦ ଧଳ, ଡାକ୍ତର ମଧୁସୂଦନ ସେନାପତି, ଅରୁଣ ରଞ୍ଜନ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ଦିଲୀପ କୁମାର ନାଥ, ସଚିତ୍ର ସାମନ୍ତରାୟ, ପଠାଣି ସୁନ୍ଦରାୟ, ତାରାପ୍ରସାଦ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ, ହାଡ଼ିବନ୍ଧୁ ପୃଷ୍ଟି, ସାରଙ୍ଗଧର ପାଲ୍‌ଟାସିଂଙ୍କ ସମେତ ବ୍ୟାଙ୍କ୍‌ମିତ୍ର, ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ରଘୁନାଥ ସାହୁ ଧନ୍ୟବାଦ ଦେଇଥିଲେ।

**ଆୟଉପୁର ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଆୟଉପୁର ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ହାଇସ୍କୁଲ ପରିସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆୟଉପୁର ସରପଞ୍ଚ ରାକେଶ ବେହେରା, ସମ୍ମାନିତ ଅତିଥି ଭାବେ ଡଃ ଶରତ କୁମାର ମହାପାତ୍ର ଓ କୈଳାସ ବିଶ୍ୱାଳ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ପ୍ରିୟଙ୍କା ଦେହୁରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ, ରଞ୍ଜିତା ମହାପାତ୍ର ଓ ଉମାକାନ୍ତ ବେହେରା ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଲୋପାମୁଦ୍ରା ପଣ୍ଡା ପ୍ରତିଯୋଗିତା ପରିଚାଳନା କରିଥିଲେ।

# ବଡ଼ଦିନ ପାଇଁ ଜମୁଛି କେକ୍ ବେପାର

କଟକ,୨୦।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ବଡ଼ଦିନ ପାଳନ ପାଇଁ ଲୋକମାନେ ଉତ୍ସାହିତ ଅଛନ୍ତି। ଏଥିପାଇଁ ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂର୍ବରୁ ଲୋକମାନେ ଘରେ କେକ୍ ତିଆରି କରି ବଡ଼ଦିନ ପାଳନ କରୁଥିଲେ। ହେଲେ ଏବେ ଆଧୁନିକ ଜୀବନଶୈଳୀରେ ପରିବର୍ତ୍ତନ ଆସିଛି। ଲୋକମାନେ ନିଜ ମନପସନ୍ଦର କେକ୍ ତିଆରି ପାଇଁ ବାହାରେ ଅର୍ଡର ଦେଉଛନ୍ତି। ଲୋକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ବ୍ୟବସାୟିକ ଅନୁଷ୍ଠାନ ବିଭିନ୍ନ ପ୍ରକାରର କେକ୍ ତିଆରି ପାଇଁ ଅର୍ଡର ରଖୁଛନ୍ତି। ବିଶେଷକରି କଟକ ସୂତାହାଟ ଅଞ୍ଚଳରେ ଥିବା କେ.କେ. ଫୁଡ୍ସ ନାମକ ବେକେରିରେ କେକ୍ ଅର୍ଡର ପାଇଁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। କେକ୍ ପାଇଁ ଆବଶ୍ୟକ ସାମଗ୍ରୀର ତାଲିକା ଲୋକମାନେ ଏଠାରୁ ନେଇଥାନ୍ତି। ପରେ ସାମଗ୍ରୀ କିଣିଆଣି ଏଠାରେ ଦେଇଥାନ୍ତି। ଗ୍ରାହକ ସବୁ ସାମଗ୍ରୀ ଯୋଗାଇବା ବାଦ୍ ୧ କେଜି କେକ୍ ତିଆରି ପାଇଁ ୨୦୦ ଟଙ୍କା ଦେବାକୁ ପଡ଼ିଥାଏ। କେକ୍ ମଧ୍ୟରେ ରିବନ କେକ୍, ସ୍ପଞ୍ଜ କେକ୍, ଫ୍ରୁଟ୍ସ କେକ୍, ଚକୋଲେଟ କେକ୍ ରହିଛି। ବିଶେଷକରି ବଡ଼ଦିନ ପାଇଁ ଫ୍ରୁଟ୍ସ କେକ୍‌ର ଅଧିକ ଚାହିଦା ରହିଛି।



### କେକ୍ ପ୍ରସ୍ତୁତି ପ୍ରଣାଳୀ

ଭେଜ୍ କେକ୍ ତିଆରି ପାଇଁ ପ୍ରଥମେ ଏକ ପାତ୍ରରେ ବଟର ଓ ଚିନିକୁ ମିଶାଇବେ। ଚିନି ତରଳିବା ଯାଏ ତାହାକୁ ଫେଣ୍ଟି ସେଥିରେ ମଇଦା ଓ କ୍ଷୀରକୁ ମିଶାଇ ଫେଣ୍ଟିବେ। ଯଦି ନନ୍‌ଭେଜ୍ କେକ୍ ପ୍ରସ୍ତୁତ କରିବେ ତେବେ ମଇଦା ପରେ କ୍ଷୀର ପରିବର୍ତ୍ତେ ସେଥିରେ ଅଣ୍ଡା ମିଶାଇବେ। ଏହାକୁ ଭଲ ଭାବେ ଫେଣ୍ଟିବା ପରେ ସେଥିରେ ବିଭିନ୍ନ ଫ୍ଲେଭରର ଏସେନ୍ସ, ଫ୍ରୁଟ୍ସ, କେକ୍ ଜେଲ୍ ଓ ଅନ୍ୟ ସାମଗ୍ରୀ ପକାଇ ଭଲ ଭାବେ ମିଶାଇ ବିଭିନ୍ନ ଆକୃତିର କେକ୍ ଫଏଲରେ ରଖିବେ। ତାହାକୁ ନିଆଁ ଭାଟିରେ ୪୦ରୁ ୪୫ ମିନିଟ୍ ରଖିବା ପରେ କେକ୍ ପ୍ରସ୍ତୁତ ହୋଇଯିବ।

### ଫ୍ରୁଟ୍ସ କେକ୍

୫ କେଜି ଓଜନର ଭେଜ୍ ଫ୍ରୁଟ୍ସ କେକ୍ ତିଆରି ପାଇଁ ୧ କେଜି ମଇଦା, ୧ କେଜି ଚିନି, କ୍ଷୀର ୮୦୦ ଗ୍ରାମ୍, ୧କେଜି ବଟର, ୨୫ ଗ୍ରାମ୍ ଭାନିଲା ତଥା ନିଜ ପସନ୍ଦ ମୁତାବକ ଏସେନ୍ସ, କାଜୁ, କିସ୍‌ମିସ୍, ମୁରବା, ଟୁଟିଫ୍ରୁଟି, ଅରେଞ୍ଜ ପିଲ୍, ସୁଇଟ୍ ଜିଞ୍ଜର, ବାକ୍ ଗ୍ରେପ୍ସ ସମେତ ୭୫୦ ଗ୍ରାମର ଫ୍ରୁଟ୍ସ ଆବଶ୍ୟକ। ସେହିପରି ୧ କେଜି ନନ୍‌ଭେଜ୍ ଫ୍ରୁଟ୍ସ କେକ୍ ତିଆରି ପାଇଁ ଉପରୋକ୍ତ ସାମଗ୍ରୀ ସମେତ ୨୪ଟି ଅଣ୍ଡା ଆବଶ୍ୟକ।

### ସ୍ପଞ୍ଜ୍ କେକ୍

୫ କେଜି ଓଜନର ଭେଜ୍ ସ୍ପଞ୍ଜ୍ କେକ୍ ତିଆରି ପାଇଁ ୧ କେଜି ମଇଦା, ୧ କେଜି ଚିନି, ୧ କେଜି ବଟର, ୮୦୦ ଗ୍ରାମ୍ କ୍ଷୀର, ୨୫ ଗ୍ରାମ୍ ପାଇନାପଲ ଏସେନ୍ସ, ୧୦୦ ଗ୍ରାମ୍ କେକ୍ ଜେଲ ଆବଶ୍ୟକ। ସେହିପରି ନନ୍‌ଭେଜ ସ୍ପଞ୍ଜ କେକ୍ ତିଆରି ପାଇଁ ଉପରୋକ୍ତ ସାମଗ୍ରୀ ସମେତ ୨୪ଟି ଅଣ୍ଡା ଆବଶ୍ୟକ।

### ଚକୋଲେଟ୍ ଭେଜ୍ କେକ୍

୫ କେଜିଓଜନର ଚକୋଲେଟ୍ ଭେଜ୍ କେକ୍ ତିଆରି ପାଇଁ ୧ କେଜି ମଇଦା, ୧ କେଜି ଚିନି, ୧ କେଜି ବଟର, ୮୦୦ ଗ୍ରାମ୍ କ୍ଷୀର, ୨୫ ଗ୍ରାମ୍ ଭାନିଲା ଏସେନ୍ସ ଓ ୧୦୦ ଗ୍ରାମ୍ ଚକୋଲେଟ ଆବଶ୍ୟକ। ସେହିପରି ନନ୍‌ଭେଜ୍ ଚକୋଲେଟ୍ କେକ୍ ତିଆରି ପାଇଁ ଉପରୋକ୍ତ ସାମଗ୍ରୀ ସମେତ ୨୪ ଅଣ୍ଡା ଆବଶ୍ୟକ।

### ଭେଜ୍ ରିବନ୍ କେକ୍

୫ କେଜି ଓଜନର ଭେଜ୍ ରିବନ୍ କେକ୍ ତିଆରି ପାଇଁ ୧ କେଜି ମଇଦା, ୧ କେଜି ଚିନି, ୧ କେଜି ବଟର, ୨୫ ଗ୍ରାମ୍ ଭାନିଲା ଏସେନ୍ସ, ୭୫୦ ଗ୍ରାମ୍‌ର ବିଭିନ୍ନ ଭେରାଇଟିର ଫ୍ରୁଟ୍ସ ଆବଶ୍ୟକ। ସେହିପରି ନନ୍‌ଭେଜ କେକ୍ ତିଆରି ପାଇଁ ଉପରୋକ୍ତ ସାମଗ୍ରୀ ବ୍ୟତୀତ ୨୪ଟି ଅଣ୍ଡା ଆବଶ୍ୟକ।

### ଗ୍ରାହକଙ୍କ ପସନ୍ଦ ଅନୁଯାୟୀ କେକ୍ ତିଆରି କରୁଛୁ



୩୦ ବର୍ଷ ହେବ କେକ୍ ବ୍ୟବସାୟ କରୁଛି। ଗ୍ରାହକଙ୍କ ପସନ୍ଦ ମୁତାବକ କେକ୍ ସର୍ବଦା ତିଆରି କରୁଛୁ। ବର୍ଷତମାମ କେକ୍ ତିଆରି କରୁଥିବାବେଳେ ବଡ଼ଦିନ ସମୟରେ ଏହାର ଅଧିକ ଚାହିଦା ରହିଥାଏ। ବଡ଼ଦିନକୁ ଦୃଷ୍ଟିରେ ୫ ଦିନ ହେବ ସ୍ୱତନ୍ତ୍ର ଭାବେ କେକ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରତିଦିନ ୫୦ କେଜିରୁ ଅଧିକ କେକ୍ ତିଆରି କରୁଛୁ। ଭଲ ବ୍ୟବସାୟ ହେଉଛି। ଆଗାମୀ ଦିନରେ ଆହୁରି ଅଧିକ ବ୍ୟବସାୟ ହେବ ବୋଲି ଆଶା ରଖିଛି।

**ଫଜିଲ୍ ଖାନ୍, କେ.କେ. ଫୁଡ୍ସ ମାଲିକ**

### କେକ୍ ଦେଇ ଶୁଭେଚ୍ଛା ଜଣାଇଥାଉ



ବଡ଼ଦିନକୁ ଆନନ୍ଦଉଲ୍ଲାସରେ ପାଳନ କରିବା ପାଇଁ ଲୋକମାନେ ଅପେକ୍ଷା କରିଥାନ୍ତି। ବଡ଼ଦିନରେ ଫୁଲତୋଡ଼ା ଓ କେକ୍ ଦେଇ ଶୁଭେଚ୍ଛା ଜଣାଇଥାଉ। ସୂତାହାଟ ଅଞ୍ଚଳରେ ଥିବା ବେକେରିରେ ପ୍ରାୟ ୫ ବର୍ଷ ହେବ ଆବଶ୍ୟକ ସାମଗ୍ରୀ ଦେଇ ନିଜ ମନପସନ୍ଦର କେକ୍ ତିଆରି କରିନେଉଛୁ। ୫ କେଜି ଓଜନର କେକ୍ ତିଆରି ପ୍ରାୟ ୧୫୦୦ ଟଙ୍କା ଖର୍ଚ୍ଚ ହେଉଛି।

**ସୋନାଲି ପାତ୍ର, ଗ୍ରାହକ**



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ଭୁବନେଶ୍ୱରର ଶାନ୍ତିକୃପା ଗ୍ରୁପ୍ ପକ୍ଷରୁ ମଞ୍ଚସ୍ଥ ନାଟକ 'ହେ ଭଗବାନ'ର ଏକ ଦୃଶ୍ୟ।

## ସ୍ତ୍ରୀ ହତ୍ୟା ମାମଲା, ସ୍ୱାମୀ ନିର୍ଦ୍ଦୋଷରେ ଖଲାସ

କଟକ,୨୦।୧୨(କାର୍ତ୍ତିକ ସାହୁ)

ସ୍ତ୍ରୀ ହତ୍ୟା ମାମଲାରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ପ୍ରମାଣିତ ହୋଇଛନ୍ତି ସ୍ୱାମୀ। ଘଟଣାର ପ୍ରାୟ ୯ ବର୍ଷ ପରେ ନିମ୍ନକୋର୍ଟର ରାୟକୁ ହାଇକୋର୍ଟ ଖାରଜ କରି ଅଭିଯୁକ୍ତ ସ୍ୱାମୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ତେଣୁ ଅଭିଯୁକ୍ତ ସ୍ୱାମୀ ଜେଲରୁ ମୁକୁଳିବାର ବାଟ ଫିଟିଛି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଅଭିଯୁକ୍ତ ସ୍ୱାମୀ ମାର୍କଣ୍ଡ ନାଏକଙ୍କ ଆବେଦନର ରାୟ ପ୍ରକାଶ କରି ଉପରୋକ୍ତ ଆଦେଶ ଦେଇଛନ୍ତି।

ସୂଚନାନୁସାରେ, ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳରେ ୨୦୧୫ରେ ହତ୍ୟାକାଣ୍ଡଟି ଘଟିଥିଲା। ସ୍ତ୍ରୀ ନିଖୋଜ ଥିବା ନେଇ ମାର୍କଣ୍ଡ ତାଙ୍କ ଶଳାଙ୍କୁ ଡିସେମ୍ବର ୬ ତାରିଖ ରାତିରେ ଫୋନ କରି କହିଥିଲେ। ପରଦିନ ବଡୁଦିଖୋଲ ଜଙ୍ଗଲର ଏକ ନାଳ ନିକଟରୁ ସ୍ତ୍ରୀଙ୍କ ମୃତଦେହ ଜବତ ହୋଇଥିଲା। ମୃତଦେହ ଏକ ପଥରେ ଛେଚା ଯାଇ ହତ୍ୟା କରାଯାଇଥିବା ନେଇ ମହିଳାଙ୍କ ବାପଘର ଲୋକେ ହଣ୍ଡପା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ମାର୍କଣ୍ଡଙ୍କୁ ଗିରଫ କରିଥିଲା। ପୋଲିସ ମାର୍କଣ୍ଡଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିବା ପରେ ଆଠମଲ୍ଲିକ ଅତିରିକ୍ତ ସେସନ୍ସ ଜଜ୍ ଅଦାଲତରେ ମାମଲାର ଶୁଣାଣି ଚାଲିଥିଲା। ଅତିରିକ୍ତ ସେସନ୍ସ ଜଜ୍ ଅଭିଯୁକ୍ତ ମାର୍କଣ୍ଡଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା କରିଥିଲେ। ଜରିମାନା ଅନାଦାୟେ ଅଧିକ ୨ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ। ନିମ୍ନ ଅଦାଲତଙ୍କ ଏହି ରାୟକୁ ମାର୍କଣ୍ଡ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ନନ୍ଦନକାନନରେ ସିମ୍ପାଞ୍ଜି 'ଜୁଲୁ', ଆସାମିମା କାଙ୍କ୍ୟୁ ଅସୁସ୍ଥ

ତ୍ରିଶୂଳିଆ,୨୦।୧୨(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୦ ନଂ. (କ) ଖୁଆଡ଼ରେ ରହୁଥିବା ୩୪ ବର୍ଷୀୟ ଅଣ୍ଡିରା ସିମ୍ପାଞ୍ଜି 'ଜୁଲୁ' ଅସୁସ୍ଥ ହୋଇପଡ଼ିଛି। ବାର୍ଦ୍ଧକ୍ୟ କାରଣରୁ କିଛିଦିନ ହେବ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଜୁଲୁର ଚିକିତ୍ସା କରାଯାଉଥିଲେ ମଧ୍ୟ ସ୍ୱାସ୍ଥ୍ୟରେ କୌଣସି ଉନ୍ନତିହୋଇ ନଥିବା ପ୍ରାଣୀ ଉଦ୍ୟାନର ପ୍ରାଣୀ ବିଭାଗୀୟ ଅଧିକାରୀ କହିଛନ୍ତି। ଶୁକ୍ରବାର ଭୁବନେଶ୍ୱର ଓୟୁଏଟିର ବିଶେଷଜ୍ଞ ଦଳ ପହଞ୍ଚି ଜୁଲୁର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ସହ ରକ୍ତ ନମୁନା ସଂଗ୍ରହ କରିଛନ୍ତି। କର୍ତ୍ତୃପକ୍ଷ ତା'ର ସ୍ୱତନ୍ତ୍ର ଦୃଷ୍ଟି ରଖିଛନ୍ତି। ସେହିପରି ପ୍ରାଣୀ ଉଦ୍ୟାନର ଅନ୍ୟତମ ଆକର୍ଷଣ ଏକ ଅଣ୍ଡିରା ଆସାମିମା କାଙ୍କ୍ୟୁ ଗୁରୁତର ଅସୁସ୍ଥ ହୋଇପଡ଼ିଛି। ଏ ନେଇ ସନ୍ଧ୍ୟାରେ ତାକୁ ଉନ୍ନତମାନର ଚିକିତ୍ସା ପାଇଁ ବନ୍ୟପ୍ରାଣୀ ଚିକିତ୍ସାଳୟକୁ ଅଣାଯାଇଛି। ତାକୁ ସାଲାଇନ ଓ ଇଞ୍ଜେକ୍ସନ ଦିଆଯାଇ ଚିକିତ୍ସା ଜାରି ରହିଛି।




କଟକ ମିଶନରୋଡ୍‌ସ୍ଥିତ ଷ୍ଟିୱାର୍ଟ ସ୍କୁଲ ଅଡିଟୋରିୟମରେ ଷ୍ଟିୱାର୍ଟ ସ୍କୁଲ କମ୍ବାଇନ୍‌ଡ କ୍ରିସ୍‌ମସ୍ କ୍ୟାରୋଲ ସର୍ଭିସ ପାଳନ ଅବସରରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଓସେପା ପାଠାଗାର ପୁସ୍ତକ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଦାବି

କଟକ,୨୦।୧୨ (କାର୍ତ୍ତିକ ସାହୁ)

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ପାଠାଗାର ପୁସ୍ତକ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଦାବି ହୋଇଛି। ଗତ ନଭେମ୍ବର ୧୯ରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଚଳିତ ମାସ ୧୩ ତାରିଖ ମଧ୍ୟରେ ପ୍ରକାଶକମାନଙ୍କ ଠାରୁ ଆବେଦନପତ୍ର ଗ୍ରହଣ କରାଯାଇଛି। ଆସନ୍ତା ୨୧ ତାରିଖରେ ପ୍ରକାଶକଙ୍କ ଆବେଦନପତ୍ର ଖୋଲାଯିବ। ତେବେ ଗତ ବର୍ଷଗୁଡିକରେ ପାଠାଗାର ପୁସ୍ତକ କ୍ରୟ ପ୍ରକ୍ରିୟାରେ ନାନା ଅନିୟମିତା ନେଇ ଅଭିଯୋଗ ହୋଇଆସିଛି। ତେଣୁ ଏଥିରେ ଉଦ୍‌ବେଗ ପ୍ରକାଶ କରି ଚଳିତବର୍ଷ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଅଲ୍ ଓଡ଼ିଶା ପବ୍ଲିଶର୍ସ ଆଣ୍ଡ ବୁକ୍ ଟ୍ରେଡର୍ସ ଆସୋସିଏଶନ ପକ୍ଷରୁ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସଙ୍କ ନିକଟରେ ଦାବି କରାଯାଇଛି। ଆସୋସିଏଶନ ସମ୍ପାଦକ ଅଜିତ ମହାପାତ୍ର ୬ଟି ପ୍ରସ୍ତାବ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରକାଶିତ ବିଜ୍ଞପ୍ତିରେ କେତେକ ଗୋଳମାଳିଆ ସର୍ତ୍ତ ରଖାଯାଇଥିବା ସେ ଦର୍ଶାଇଛନ୍ତି। ଏହାର ସ୍ପଷ୍ଟୀକରଣ ଲୋଡ଼ି ଅଯୋଗ୍ୟ ଆବେଦନକାରୀଙ୍କ ତାଲିକା ତୁରନ୍ତ ପ୍ରକାଶ, ଅତୀତରେ ନ୍ୟାୟାଳୟ ଦ୍ୱାରା ସ୍ଥିରୀକୃତ ନିୟମାବଳୀ ଅନୁଯାୟୀ ଚୟନ ହେଉଥିବା ପୁସ୍ତକର ଲେଖକଙ୍କୁ ଚୟନ କମିଟିରେ ସାମିଲ ନ କରିବା, ପୁସ୍ତକ ଚୟନରେ ନିରପେକ୍ଷତା ଅବଲମ୍ବନ କରିବା ଆଦି ଦୃଷ୍ଟି ଆକର୍ଷଣ କରାଯାଇଛି। ଏଥିସହ ଅତୀତରେ କେତେଜଣ ପ୍ରକାଶକଙ୍କୁ ପୁସ୍ତକ କ୍ରୟାଦେଶ ସମ୍ପର୍କରେ ଉପଯୁକ୍ତ ଭାବେ ଜଣାଇ ଦିଆଯାଇ ନ ଥିଲା। ଯଦ୍ଦ୍ୱାରା ଯୋଗ୍ୟ ବିବେଚିତ ପ୍ରକାଶକ ପୁସ୍ତକ ଯୋଗାଣରୁ ବଞ୍ଚିତ ହୋଇଥିଲେ। ଏଣୁ ଏଭଳି ଅଭିଯୋଗକୁ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଦାସଙ୍କୁ ଅବଗତ କରାଯାଇଛି।

## ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କଲା କଂଗ୍ରେସ

କଟକ,୨୦।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଇଥିବା ବକ୍ତବ୍ୟକୁ ନେଇ କଂଗ୍ରେସ ପକ୍ଷରୁ କଟକ ସେଲଟର ଛକସ୍ଥିତ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଶାହାଙ୍କ କୁଶପୁତ୍ତଳିକା ମଧ୍ୟ ଦାହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଛନ୍ତି, ଭାଜପାର ଜଣେ ବରିଷ୍ଠ ନେତାଙ୍କ ଏଭଳି ବକ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ଏହା ଭାରତବାସୀଙ୍କୁ ଆଘାତ ଦେଇଛି। ତେଣୁ ତୁରନ୍ତ ଶାହା ଇସ୍ତଫା ଦେବା ସହ ଦେଶବାସୀଙ୍କୁ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ମୋକିମ କହିଛନ୍ତି। ଏହି ବିକ୍ଷୋଭରେ ବରିଷ୍ଠ ନେତା ବିଶ୍ୱଜିତ୍ ଦାସ, ନିକୁଞ୍ଜ ପଶାୟତ, ଶରତ ଚନ୍ଦ୍ର ସେଠୀ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଶୁବାଶିଷ ପଟ୍ଟନାୟକ, ଜେ. କାମେଶ୍ୱର ରାଓ, ଲିଜା ରାଉତ, ସତ୍ୟାନନ୍ଦ ରାଉତ, ଅଜିତ୍ ବେହେରା, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ୟାରୀମୋହନ ଏକାଡେମୀରେ ପ୍ରଶିକ୍ଷଣ ଶିବିର

କଟକ,୨୦।୧୨ (କାର୍ତ୍ତିକ ସାହୁ)

ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ କଟକ ଦରଘାବଜାରସ୍ଥିତ ପ୍ୟାରୀମୋହନ ଏକାଡେମୀଠାରେ ଚାଲିଥିବା ଇଂଲିଶ ଭାଷା ସମୃଦ୍ଧୀକରଣ ମାର୍ଗ ସଂକ୍ରାନ୍ତୀୟ ଦ୍ୱିତୀୟ ପର୍ଯ୍ୟାୟ ୫ ଦିନିଆ ଇଂଲିଶ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକ ଜିଲାର ୨୨ଜଣ, କେନ୍ଦ୍ରାପଡ଼ା ଜିଲାର ୧୩ ଜଣ, ଜଗତସିଂହପୁର ଜିଲାର ୧୪ଜଣ ଅଭିଜ୍ଞ ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷଣ ସଂଯୋଜିକା ସରିତା ଶତପଥୀ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ହିଲ୍ଲୋଳିନୀ ମହାନ୍ତି ଓ ମାଷ୍ଟର ଟ୍ରେନର ଡ. ରବୀନ୍ଦ୍ର ନାରାୟଣ ମହାନ୍ତି ଶିବିର ପର୍ଯ୍ୟବେକ୍ଷଣ କରିଥିବାବେଳେ ଏକାଡେମୀର ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ବିଶ୍ୱାଳ ସହଯୋଗ କରିଥିଲେ। ପ୍ରଶିକ୍ଷକ ଭାବେ ଦୀପ୍ତିରଞ୍ଜନ ଶତପଥୀ, ଆଲୋକ କୁମାର ମହାପାତ୍ର, ହରିହର ମିଶ୍ର, ନିଳେନ୍ଦ୍ରୀ ପାଇଟଲ, ସଂଜ୍ଞା ସାଗରିକା ନାୟକ ଓ ସୁଇଟ ମହାନ୍ତି କାର୍ଯ୍ୟ ତୁଲାଇଥିଲେ। ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପାର୍ଥସାରଥୀ ମିଶ୍ର, କଟକ ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ଜିଲା ବିଜ୍ଞାନ ସୁପରଭାଇଜର ଦେବ ପ୍ରସାଦ ତ୍ରିପାଠୀ ପ୍ରଶିକ୍ଷଣ ଶିବିର ପରିଦର୍ଶନ କରି ପ୍ରଶିକ୍ଷିକା, ପ୍ରଶିକ୍ଷକ, ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ସହ ଇଂଲିଶ ଭାଷା ସମ୍ବଳିତ କେତେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ।

## ପାଠ ସହ କ୍ରୀଡ଼ା ଜରୁରୀ

ମଙ୍ଗୁଳି-ଜଗତପୁର,୨୦।୧୨(ମାନସ ସାମଲ)

**ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଓଟିଏମ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୯୪ଜଣ କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଡ୍‌ଭେଞ୍ଚର କମିଟି ଓଡ଼ିଶା ଶାଖାର ଅଧ୍ୟକ୍ଷ ସ୍ୱାଧୀନ ପଣ୍ଡା, ମୁଖ୍ୟବକ୍ତା ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶ୍ରୀ ସୌଦାମିନୀ ଦାସ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ମମତା ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଭାଜପା ନେତା ସନ୍ତୋଷ ମହାନ୍ତି, ଝାଡ଼ଖଣ୍ଡ ବିଧାୟକ ଡ.ଦୀନେଶ ଚାନ୍ଦ ଗୋସ୍ୱାମୀ, ସାମାଜିକ କର୍ମୀ ଅର୍ଜୁନ ପଣ୍ଡା, ଶିଖାୱାତ୍ ଖାନ୍, ନିର୍ଦ୍ଦେଶକ ଅର୍ବାନ୍ କୋଅପରେଟିଭ ବ୍ୟାଙ୍କ ନୀଳମଣି କର ଯୋଗଦେଇ ବିଦ୍ୟାଳୟରେ ପାଠ ସହ କ୍ରୀଡ଼ା ଜରୁରୀ ବୋଲି କହିଛନ୍ତି। ଶିକ୍ଷକ ରବି ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।

## ଚକ୍ଷୁ ପରୀକ୍ଷା ଶିବିର

କଟକ,୨୦।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଶଙ୍କରପୁରସ୍ଥିତ ଦାଶସାହି ଯୁବକ ସଂଘ ଓ ମଡର୍ନ ଆଇ କେୟାର ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀ ଯୁଗଳ କିଶୋର ମନ୍ଦିର ପ୍ରାଙ୍ଗଣରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ବିଶ୍ୱଜିତ୍ ଦେ ଯୋଗଦେଇ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ। ସାମାଜିକ କର୍ମୀ ଯୁବରାଜ ଇନ୍ଦ୍ରଜିତ୍‌ଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ଅରୋବିନ୍ଦ ନାୟକ, ଡା. ସନ୍ତୋଷ କୁମାର ମନ୍ତ୍ରୀ, ଯାଜ୍ଞସେନୀ ସାହୁ ଓ ସୁଭଦ୍ରା ଜେନାଙ୍କ ସମେତ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଅଚିହ୍ନା ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ମଙ୍ଗୁଳି-ଜଗତପୁର,୨୦।୧୨(ମାନସ ସାମଲ): ୫୫ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଥାନା ଅଧୀନ ହରିଅନ୍ତା ଗ୍ରାମ ନିକଟ ଏକ ଚାକୁଣ୍ଡା ଗଛରୁ ଜଣେ ଅଚିହ୍ନା ମହିଳାଙ୍କ ଝୁଲନ୍ତା ମୃତଦେହକୁ ଶୁକ୍ରବାର ପୋଲିସ ଜବତ କରିଛି। ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। କିଛିଦିନ ହେବ ମହିଳା ଜଣଙ୍କ ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରୁଥିବା ଲୋକମାନେ ଦେଖିଛନ୍ତି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ୭୨ ଘଣ୍ଟା ପାଇଁ ନିଜ ହେପାଜତରେ ରଖିଛି। ଏହି ସମୟ ମଧ୍ୟରେ ପରିଚୟ ନ ମିଳିଲେ ମୃତଦେହ ସତ୍କାର କରାଯିବ ବୋଲି ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୨/୨୪) ରୁଜୁ ହୋଇଛି।




କଟକ ସିଡିଏସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ର ବାର୍ଷିକ କ୍ରୀଡ଼ା ଉତ୍ସବରେ ଛାତ୍ରଛାତ୍ରୀ ମାର୍ଚ୍ଚପାଷ୍ଟ କରୁଛନ୍ତି।

## ଅନୁମତି ପତ୍ରର ତଥ୍ୟ ଦିଅ: ହାଇକୋର୍ଟ

କଟକ,୨୦।୧୨(କାର୍ତ୍ତିକ ସାହୁ)

**ବୈକୁଣ୍ଠଧାମ ସେବାଶ୍ରମ ଉଚ୍ଛେଦ ମାମଲା**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ ଆଶ୍ରମକୁ ପ୍ରଦାନ କରାଯାଇଥିବା ଅନୁମତି ପତ୍ରର ସତ୍ୟାସତ୍ୟ ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ବି.ପି. ରାଉତରାୟ ଶୁକ୍ରବାର ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ଜାନୁଆରୀ ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ଅନୁସାରେ, ବୈକୁଣ୍ଠଧାମ ଉଚ୍ଛେଦ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଆଶ୍ରମ ନାମରେ ୧୪୦ ଡିସିମିଲ୍ ସରକାରୀ ଜମି ଜବରଦଖଲ କରାଯାଇଥିବା ଅଭିଯୋଗ ରହିଛି। ଆଶ୍ରମ ନାମରେ ଘାଟିକିଆ ମୌଜାରେ ରହିଛି ୨ଟି ପ୍ଲଟ୍। ଆଶ୍ରମ ଉଚ୍ଛେଦ ପୂର୍ବରୁ ଏନେଇ ମାଇକରେ ଘୋଷଣା କରାଯାଇଥିଲା। ନିଜ ପୁଅକୁ କଳ୍କୀ ଅବତାର ସଜାଇ ବିବାଦକୁ ଆସିଥିଲେ ବାବା କାଶୀନାଥ। ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଓ ଆସ୍ଥାକୁ ଆଧାର କରି ବ୍ୟବସାୟ କରିବା ସହ ବିଳାସପୂର୍ଣ୍ଣ ଜୀବନ କାଟୁଥିବା ଅଭିଯୋଗ କରିଥିଲେ ସ୍ଥାନୀୟ ଲୋକେ। ଅଭିଯୋଗ ବଢ଼ିବା ପରେ ପୋଲିସର ତନାଘନା ଭିତରେ ଆଶ୍ରମରୁ ଅନେକ ଆପତ୍ତିଜନକ ସାମଗ୍ରୀ ମିଳିଥିଲା। ଫଳରେ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଆଶ୍ରମକୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଶ୍ରମ ନାଁରେ ହୋଇଥିବା ବେଆଇନ ନିର୍ମାଣ ସମ୍ପର୍କରେ ତଦନ୍ତ କରି ବିଡିଏ ଏବଂ ବିଏମ୍‌ସିର ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଆଶ୍ରମ ଉଚ୍ଛେଦ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ଏହାକୁ ବିରୋଧ କରି ଆଶ୍ରମ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ଗତ ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଆଶ୍ରମ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ପୂର୍ବରୁ ଆଦେଶ ଦେଇଥିଲେ। ଏଥିସହ ଆଶ୍ରମ ଉଚ୍ଛେଦ ଆଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ମାମଲାର ପ୍ରତିପକ୍ଷମାନଙ୍କୁ ମଧ୍ୟ ନୋଟିସ ଜାରି ହୋଇଥିଲା।

# ୨୪ରେ ଧାରଣା ଦେବେ ୩ ହଜାରରୁ ଊର୍ଦ୍ଧ୍ୱ ମାଟ୍ରନ

ଭୁବନେଶ୍ୱର,୨୦।୧୨
(ସୁଚିସ୍ମିତା ସାହୁ)

ଓଡ଼ିଶା ମହିଳା ମାଟ୍ରନ୍ ମହାସଂଘ ଆସନ୍ତା ୨୪ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବ। ସଂଘ ପକ୍ଷରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ମାଟ୍ରନ ଓଡ଼ିଶା କର୍ମଚାରୀ ସମନ୍ୱୟ ସମିତି କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ରାଜ୍ୟ ସାଧାରଣ ସମ୍ପାଦିକା ପ୍ରଭାତୀ ପାତ୍ର ସୂଚନା ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସମିତିର ସାଧାରଣ ସମ୍ପାଦକ ସୁଜିତ୍ କୁମାର ନାୟକ ମାଟ୍ରନମାନଙ୍କୁ ଫୋନ୍ ମାଧ୍ୟମରେ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ଭୁଲ୍ ପ୍ରତିଶ୍ରୁତି ଦେଇ କେତେଜଣ ମାଟ୍ରନଙ୍କୁ ହାତବାରିସି କରି ବ୍ୟାପକ ଅର୍ଥ ଆଦାୟ କରୁଛନ୍ତି। ଚାହିଦା ମୁତାବକ ଅର୍ଥ ଆଦାୟ ନ କଲେ କର୍ମଚାରୀ ସମନ୍ୱୟ ସମିତି ମାଟ୍ରନଙ୍କ କଥା ବୁଝିବ ନାହିଁ ବୋଲି ଗତ କିଛିଦିନ ତଳେ ମୋବାଇଲ୍‌ରେ ମ୍ୟାସେଜ ଛାଡ଼ିଥିଲେ। ଏନେଇ ଗତ ଅକ୍ଟୋବର ୩ରେ ମହାସଂଘ ପକ୍ଷରୁ ଏକ ୪ଜଣିଆ ପ୍ରତିନିଧି ଦଳ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇ ଆଲୋଚନା କରିଥିଲା। ଅକ୍ଟୋବର ୧୫ରେ ସୁଜିତ୍ କୁମାର ନାୟକ ୪ଜଣ କୁଚକ୍ରୀଙ୍କୁ ନେଇ ସଚିବଙ୍କ ପାଖରେ ପହଞ୍ଚି ମୋବାଇଲ୍‌ରେ ଫଟୋ ଉଠାଇ ମାଟ୍ରନଙ୍କ ପାଖକୁ ପଠାଇ ବ୍ୟାପକ ପରିମାଣର ଅର୍ଥ ଦାବି କରୁଥିଲେ। ସେଥିରେ ବିଫଳ ହେବାରୁ ସେ ହଇରାଣ କରିବାକୁ ବିଭାଗୀୟ ସଚିବଙ୍କ ବିରୋଧରେ ଆରଟିଆଇରେ ତଥ୍ୟ ମାଗିଛନ୍ତି। ବର୍ତ୍ତମାନ ୩ ହଜାର ମାଟ୍ରନଙ୍କ ଦାନାପାଣିରେ ଖେଳ ଖେଳିବା ଆଦୌ ଗ୍ରହଣୀୟ ନୁହେଁ। ତା'ର ପ୍ରତିବାଦରେ ଓଡ଼ିଶାର ୩୦ ଜିଲାର ମାଟ୍ରନମାନେ କର୍ମଚାରୀ ସମନ୍ୱୟ ସମିତି ଅଫିସ୍ ଆଗରେ ଧାରଣା ଦେଇ ପ୍ରତିବାଦ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ 'ପଞ୍ଚସଖା ଶିକ୍ଷା ସେତୁ ଯୋଜନା'

ଭୁବନେଶ୍ୱର,୨୦।୧୨(ସୁଚିସ୍ମିତା ସାହୁ)

**ବଦଳିବ 'ମୋ ସ୍କୁଲ ଅଭିଯାନ' ନାଁ**

**■ପୂର୍ଣ୍ଣାଙ୍ଗ ରୂପରେଖ ନେଇ ବିଜ୍ଞପ୍ତି ପ୍ରକାଶ**

ରାଜ୍ୟରେ ସ୍କୁଲ ଶିକ୍ଷା ବ୍ୟବସ୍ଥାର ନବୀକରଣ କରାଯିବ। ବଦଳିବ 'ମୋ ସ୍କୁଲ ଅଭିଯାନ' ନାଁ। ଖୁବ୍‌ଶୀଘ୍ର ରାଜ୍ୟରେ କାର୍ଯ୍ୟକାରୀ ହେବ 'ପଞ୍ଚସଖା ଶିକ୍ଷା ସେତୁ ଯୋଜନା'। ଏ ନେଇ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ବିବିଧତାରେ ପରିପୂର୍ଣ୍ଣ ଓଡ଼ିଶା ପାଇଁ ରହିଥିବା ବିଭିନ୍ନ ଆହ୍ୱାନର ମୁକାବିଲା ଲାଗି ଏକ ମଜଭୁତ ତଥା ଉଦ୍ୟୋଗୀ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ନବୀକରଣର ପରିକଳ୍ପନା କରିଛନ୍ତି। ଏହି ଯୋଜନା ଅଧୀନରେ ସ୍କୁଲ ନିର୍ମାଣ, ଶିକ୍ଷାର ମାନ ବୃଦ୍ଧି ଏବଂ ସାମାଜିକ ଯୋଗଦାନ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଏହି ବିଶାଳ ଅଭିଯାନରେ ପୂର୍ବତନ ଛାତ୍ର, ପୂର୍ବତନ ଛାତ୍ର ସଂଘ, ଶିକ୍ଷାନୁଷ୍ଠାନ, ସାମାଜିକ ସଂସ୍ଥା, କମ୍ପାନୀ, ସଂଗଠନ, ସିଆର୍‌ଏସ୍ କର୍ମୀ, ସାମାଜିକ କର୍ମୀ ଓ ଅନ୍ୟମାନଙ୍କୁ ସାମିଲ କରାଯିବ। ରାଜ୍ୟରେ ଶିକ୍ଷାର ବିକାଶ ଲାଗି ପାଣ୍ଠି, ସାମଗ୍ରୀ ଏବଂ ସେବା ପ୍ରଦାନ ନେଇ ଏମାନଙ୍କୁ ଏକ ମଞ୍ଚ ପ୍ରଦାନ କରାଯିବ। ଭବିଷ୍ୟତ ପିଢ଼ିକୁ ସୃଜନଶୀଳ ଉଦ୍ଭାବନକାରୀ, ଗବେଷଣାକାରୀ, ଉଦ୍ୟୋଗୀ କରି ଗଢ଼ି ତୋଳିବାର ଲକ୍ଷ୍ୟ ନେଇ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏଥିଲାଗି ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ (ଏମ୍‌ଏସ୍‌ଏପିଏସ୍)କୁ ପଞ୍ଚସଖା ଶିକ୍ଷା ସେତୁ (ପିଏସ୍‌ଏସ୍) ଭାବେ ପୁନଃନାମିତ କରାଯିବ। ପିଏସ୍‌ଏସ୍ ନୂତନ ଶିକ୍ଷା ଯୋଜନାର କାର୍ଯ୍ୟକାରୀ ସଂସ୍ଥା ଭାବେ କାମ କରିବ। ରାଜ୍ୟ ମୁଖ୍ୟ ଶାସନ ସଚିବ ଏହାର ମୁଖ୍ୟ ରହିବେ। ଜିଲା ତଥା ରାଜ୍ୟସ୍ତରରେ ଯୋଜନାର କାର୍ଯ୍ୟକାରିତା ନେଇ ଯଥାକ୍ରମେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସ୍ତରୀୟ କମିଟି ଗଠନ କରାଯିବ। ଏହି ଯୋଜନା ପାଇଁ ରାଜ୍ୟ ସରକାର ପାଣ୍ଠି ପ୍ରଦାନ କରିବେ। ଏଥିସହିତ ହଷ୍ଟେଲ, ଲ୍ୟାବ, ଲାଇବ୍ରେରି, ଇଣ୍ଟରନେଟ, ଶ୍ରେଣୀଗୃହ, ଆସବାବପତ୍ର, ଶୌଚାଳୟ ପ୍ରଭୃତି ନିର୍ମାଣ ସହିତ ଭିତ୍ତିଭୂମିର ବିକାଶ ଭଳି ବିଭିନ୍ନ କାମ ପାଇଁ ଭିନ୍ନଭିନ୍ନ ସୂତ୍ରରୁ ଦାନ ଆକାରରେ ମଧ୍ୟ ପାଣ୍ଠି ମଧ୍ୟ ଗ୍ରହଣ କରାଯିବ। ଯୋଜନାର ସଫଳ ରୂପାୟନ ପାଇଁ ବିଭିନ୍ନ ଅଧିକାରୀ ତଥା କର୍ମଚାରୀ ନିଯୁକ୍ତ ହେବେ। ଯୋଜନା ସମ୍ବନ୍ଧୀୟ ସମସ୍ତ ଦୈନନ୍ଦିନ ବ୍ୟାପାର ପରିଚାଳନା ନିମନ୍ତେ ଏକ କାର୍ଯ୍ୟନିର୍ବାହୀ ସଂଗଠନ ରହିବ। ଏହାକୁ ସହଯୋଗ କରିବା ଲାଗି ଏକ ଗଭର୍ଣ୍ଣିଂବଡି ଏବଂ ଏକ ପରାମର୍ଶଦାତା ବୋର୍ଡ ରହିବ। କଳା, ସଂସ୍କୃତି, ଡିଜାଇନ, ଆଡ୍‌ଭର୍ଟାଇଜିଂ, ଫିଲ୍ମ ନିର୍ମାତା, ସାହିତ୍ୟିକ, ବିଜ୍ଞାନ ଓ କ୍ରୀଡ଼ା କ୍ଷେତ୍ରର ବିଚାରବନ୍ତ ନେତା, ବିଶିଷ୍ଟ ଶିକ୍ଷାବିତ୍, ବୈଜ୍ଞାନିକ ଏବଂ ପ୍ରତିଷ୍ଠିତ ବ୍ୟକ୍ତିମାନେ ଏଥିରେ ସଦସ୍ୟ ରହିବେ ବୋଲି ସୂଚନା ଦିଆଯାଇଛି।



ଗୁରୁ ଦେବପ୍ରସାଦ ନୃତ୍ୟଧାରା ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ଜିକେସିଏମ୍ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଶୁକ୍ରବାର ଅନୁଷ୍ଠିତ ନୃତ୍ୟୋତ୍ସବ 'ପ୍ରତିଧ୍ୱନି'ରେ ଲିତାଲି ମହାପାତ୍ରଙ୍କ ସହ ଅନ୍ୟ ଶିଳ୍ପୀମାନେ ନୃତ୍ୟ ନାଟିକା 'ବୃନ୍ଦା' ପରିବେଷଣ କରୁଛନ୍ତି। (ଫଟୋ– ବିକାଶ ନାୟକ)

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ



@ ବିଶ୍ୱଜିତ୍



@ ରାଜ୍



@ ଅନନ୍ୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚିଲିକାରେ ପର୍ଯ୍ୟଟକ ଡଙ୍ଗା ବାଟବଣା

**ଉଦ୍ଧାରକଲା ଅଗ୍ନିଶମ ବାହିନୀ**

ବାଲୁଗାଁ,୨୦।୧୨
(ସଂଗ୍ରାମ ପାଇକରାୟ)

ବାଲୁଗାଁ ଚିଲିକା କୂଳରୁ ପର୍ଯ୍ୟଟକଙ୍କୁ ନେଇ ପରିଭ୍ରମଣରେ ଯାଇଥିବା ଏକ ଯାତ୍ରୀବାହୀ ଡଙ୍ଗା ଶୁକ୍ରବାର ଅପରାହ୍ନରେ ଚିଲିକା ମଧ୍ୟରେ ବାଟବଣା ହୋଇଯାଇଥିଲା। ଏଥିସହ ଡଙ୍ଗା ଭିତରେ ବର୍ଷାପାଣି ପଶିଯାଇଥିଲା। ଏଭଳି ଘଡ଼ିସନ୍ଧି ସମୟରେ ଖବର ପାଇ ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚି ୧୨ ଜଣ ପର୍ଯ୍ୟଟକଙ୍କୁ ଚିଲିକାରୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଉଦ୍ଧାର ହୋଇଥିବା ସମସ୍ତ ପର୍ଯ୍ୟଟକ ଭୁବନେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ବାଲୁଗାଁ ଚିଲିକା କୂଳସ୍ଥିତ ବୋଟ୍ ଆସୋସିଏଶନ୍‌ର ଏକ ଡଙ୍ଗା ପୁରୁଷ, ମହିଳା ଓ ଛୋଟ ପିଲାଙ୍କୁ ମିଶାଇ ମୋଟ ୧୨ଜଣଙ୍କୁ ନେଇ ମା' କାଳିଜାଈ ଦର୍ଶନ ସହ ସାତପଡ଼ା ଅଭିମୁଖେ ପରିଭ୍ରମଣରେ ବାହାରିଥିଲା। ଅପରାହ୍ନ ପ୍ରାୟ ୪ଟାରେ ଡଙ୍ଗାଟି ସେମାନଙ୍କୁ ନେଇ ସାତପଡ଼ାରୁ ବାଲୁଗାଁ ଅଭିମୁଖେ ଫେରୁଥିବାବେଳେ କୁହୁଡ଼ି ସାଙ୍ଗକୁ ବର୍ଷା ପାଗ ଯୋଗୁ ଚିଲିକାରେ ଦିଗହରା ହୋଇପଡ଼ିଥିଲା। ସେହିପରି ଝିପି ଝିପି ବର୍ଷା ହେତୁ ଡଙ୍ଗାରେ ପାଣି ପଶିଯିବାରୁ ପର୍ଯ୍ୟଟକମାନେ ଭୟଭୀତ ହୋଇ ଚିତ୍କାର କରିବା ସହ ରକ୍ଷା ପାଇଁ ଭଗବାନଙ୍କୁ ଆକୁଳ ପ୍ରାର୍ଥନା କରିଥିଲେ। ଜଣେ ପର୍ଯ୍ୟଟକ ଫୋନ ଯୋଗେ ବାଲୁଗାଁ ଅଗ୍ନିଶମ ବିଭାଗକୁ ଏ ସମ୍ପର୍କରେ ଖବର ଦେଇଥିଲେ। ତୁରନ୍ତ ଦମକଳ ବାହିନୀ ବାଲୁଗାଁ ଜେଟିରେ ପହଞ୍ଚି ବୋଟ୍ ଆସୋସିଏଶନର ଏକ ଡଙ୍ଗା ନେଇ ଯାତ୍ରୀଙ୍କୁ ଉଦ୍ଧାର ନିମନ୍ତେ ବାହାରିଥିଲେ। ବାଲୁଗାଁ ଜେଟିଠାରୁ ପ୍ରାୟ ୭କିମି ଦୂର ତଥା କଳିଯୁଗେଶ୍ୱର ପାହାଡ଼ର ଅନତି ଦୂରରେ ଫସିଥିବା ଡଙ୍ଗା ସହ ପର୍ଯ୍ୟଟକଙ୍କୁ ଉଦ୍ଧାର କରି କୂଳକୁ ସୁରକ୍ଷିତ ଭାବେ ଆଣିଥିଲେ। ଫଳରେ ସେମାନେ ଏକ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।



# ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୨୦।୧୨(ସୁଚିସ୍ମିତା ସାହୁ)

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘ ବିସିଡିଡି-୧ର ଆସନ୍ତା ବର୍ଷ ପାଇଁ ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଉପସଭାପତି ନରେଶ ତ୍ରିପାଠୀ ସଭାପତିତ୍ୱରେ ସଂଘର ସର୍କଲ ସେକ୍ରେଟାରି ତ୍ରିଲୋଚନ ଓଝା ଓ ସୂର୍ଯ୍ୟ ନାରାୟଣ ଦାସ ଯୋଗଦେଇ ବିସିଡିଡି-୧ର ସୁବିଧା ଅସୁବିଧା, ୱେଜ୍ ବୋର୍ଡ ଓ ଆଗାମୀ ଅଧିବେଶନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ଅଭିମନ୍ୟୁ ପରିଡ଼ାଙ୍କୁ ଉପଦେଷ୍ଟା, ଅଜିତ କୁମାର ସାମନ୍ତରାୟଙ୍କୁ ଡିଭିଜନ ସେକ୍ରେଟାରି, ସାରଦା ପ୍ରସାଦ ସାମନ୍ତଙ୍କୁ ଆସିଷ୍ଟାଣ୍ଟ ଡିଭିଜନ ସେକ୍ରେଟାରି ଓ ମନୋଜ କୁମାର ବେହେରାଙ୍କୁ ଡିଭିଜନର କୋଷାଧ୍ୟକ୍ଷ ରୂପେ ମନୋନୀତ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ରମୋଦ ଦାସ, ରମେଶ ସେଠୀ, ହରିହର ପ୍ରଧାନ, ଏସ୍. ଜଗା ରାଓ ଓ ଚକ୍ରଧର ସାହୁ ଉପସ୍ଥିତ ଥିଲେ।

# ୫୦୦ରୁ ଅଧିକ ବେନାମୀ ଆକାଉଣ୍ଟ, ୭୨ ଲକ୍ଷ ଟଙ୍କା ଫ୍ରିଜ୍

ଭୁବନେଶ୍ୱର,୨୦।୧୨
(ସୂର୍ଯ୍ୟକାନ୍ତ ବେହେରା)

**ବିଶ୍ୱ ଅଧ୍ୟକ୍ଷ ସ୍ୱର୍ଗତ କ୍ଷୀରୋଦ ମଲ୍ଲିକଙ୍କ ଘରେ ଇଡି ଚଢ଼ାଉ ଘଟଣା**

ସାମାଜିକ ତଥା ମାଇକ୍ରୋ ଫାଇନାନ୍ସ ସଂସ୍ଥା ଭାରତ ଇଣ୍ଟିଗ୍ରେଟେଡ୍ ସୋସିଆଲ ୱେଲ୍‌ଫେୟାର ଏଜେନ୍ସି(ବିଶ୍ୱ)ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସ୍ୱର୍ଗତ କ୍ଷୀରୋଦ ଚନ୍ଦ୍ର ମଲ୍ଲିକଙ୍କ ସମ୍ବଲପୁର ଓ ଦିଲ୍ଲୀସ୍ଥିତ ଘରେ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା। ବେଆଇନ ଅର୍ଥ କାରବାର ମାମଲାରେ ଏହି ଚଢାଉ କରାଯାଇଥିବା ନେଇ ଇଡି ପକ୍ଷରୁ ଶୁକ୍ରବାର ଟୁଇଟ୍ ଜରିଆରେ ସୂଚନା ଦିଆଯାଇଛି। ଚଢାଉ ବେଳେ ୧୦ ଲକ୍ଷ ଟଙ୍କା, ଅନେକ ସେଲ୍ ଡିଡ୍, ଚେକ୍ ବୁକ୍, ଡିଜିଟାଲ ଡିଭାଇସ୍ ଜବତ ହୋଇଛି। ସେହିପରି ୫୦୫ ବେନାମୀ ବ୍ୟାଙ୍କ ଆକାଉଣ୍ଟର ସନ୍ଧାନ ମିଳିଥିବାବେଳେ ଏଥିରେ ଥିବା ୭୨ ଲକ୍ଷ ଟଙ୍କାକୁ ଫ୍ରିଜ୍ କରାଯାଇଛି। ବେଆଇନ ଟଙ୍କା କାରବାର ପାଇଁ ଏସବୁ ବେନାମୀ ଆକାଉଣ୍ଟ ଖୋଲାଯାଇଥିବା ଜଣାପଡିବା ପରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅଧିକ ଖୋଳତାଡ଼ ଚଳାଇଛି।

ଇଡି ସୂଚନାନୁସାରେ, ସ୍ୱର୍ଗତ କ୍ଷୀରୋଦ ଚନ୍ଦ୍ର ମଲ୍ଲିକଙ୍କ ଦ୍ୱାରା ଭାରତ ଇଣ୍ଟିଗ୍ରେଟେଡ୍ ସୋସିଆଲ ୱେଲ୍‌ଫେୟାର ଏଜେନ୍ସି(ବିଶ୍ୱ) ପ୍ରତିଷ୍ଠା ହେବା ସହ ପରିଚାଳିତ ହୋଇଥିଲା। ଏହି ସଂସ୍ଥା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ଜଏଣ୍ଟ ଲିଆବିଲିଟି ଫାର୍ମ(ଜେଏଲଏଫ୍)ଗୁଡିକୁ ଆର୍ଥିକ ସହାୟତା ଦେବା ଉଦ୍ଦେଶ୍ୟରେ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ପରିଶୋଧକରି ନ ଥିଲା। ଏପରିକି ବିଭିନ୍ନ ଭାବେ ଏହି ପାଣ୍ଠିର ଅପବ୍ୟବହାର କରିବା ସହ ବେଆଇନ ଭାବେ ସାଧାରଣ ଲୋକଙ୍କଠାରୁ ଟଙ୍କା ଡିପୋଜିଟ ଗ୍ରହଣ କରୁଥିଲା, ଯାହାକି ଆର୍‌ବିଆଇ ଗାଇଡ୍‌ଲାଇନ ଅନୁସାରେ ଏହା ନିୟମ ବହିର୍ଭୂତ କାର୍ଯ୍ୟ। ସେହିପରି ଏହି ସଂସ୍ଥା ନାଁରେ ୨୦୦ରୁ ଅଧିକ କୋଟି ଟଙ୍କାର ବ୍ୟାଙ୍କ ଲୋନ୍ ଠକେଇ ହୋଇଥିବା ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ), ଓଡ଼ିଶା ପୋଲିସ ଓ ସିବିଆଇରେ ଅଭିଯୋଗ ହୋଇଥିଲା ବୋଲି ଇଡି ପକ୍ଷରୁ ସୂଚନା ଦିଆଯାଇଛି।

# ପୁରସ୍କୃତ ହେଲେ ୮୮ ପ୍ରତିଭା, ୨୦ ମେଧାବୀ

**ସରିଲା ରାଜ୍ୟସ୍ତରୀୟ 'ସର୍‌ଗି ଫୁଲ୍ ୨୦୨୪'**

ଭୁବନେଶ୍ୱର,୨୦।୧୨(ସୁଚିସ୍ମିତା ସାହୁ)

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଆଦିବାସୀ ପଡ଼ିଆରେ ଚାଲିଥିବା ତିନିଦିନିଆ ରାଜ୍ୟସ୍ତରୀୟ 'ସର୍‌ଗି ଫୁଲ୍ ୨୦୨୪' ଉତ୍ସବ ଶୁକ୍ରବାର ଶେଷ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଲେ, ସର୍‌ଗି ଫୁଲ୍ ହେଉଛି ପବିତ୍ରତାର ପ୍ରତୀକ। ଜନଜାତି ସମାଜର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶର ପ୍ରତୀକ ଭାବେ ଏହା ବେଶ୍ ପରିଚିତ। ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନ ବିଦ୍ୟାଳୟ ତଥା ଛାତ୍ରାବାସରେ ରହି ପାଠ ପଢୁଥିବା କୋମଳମତି ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ସାର୍ବଜନୀନ କରିବା ଓ ସେମାନଙ୍କ ଦକ୍ଷତାକୁ ବିକଶିତ କରିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଡ. ପୋମା ଟୁଡୁ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଅନ୍ୟାନ୍ୟ ପଛୁଆବର୍ଗ ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶ, ଏଟିଏଲ୍‌ସିର ସହନିର୍ଦ୍ଦେଶକ ସମରେନ୍ଦ୍ର ଭୂତିଆ, ଉପନିର୍ଦ୍ଦେଶକ ସନ୍ତୋଷ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ୧୨ଜଣ ଛାତ୍ରୀଛାତ୍ର ଏବଂ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୮ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବର ବିଭିନ୍ନ ଦିବସରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ୮୮ ଜଣ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଏକ ସ୍ୱତନ୍ତ୍ର ସ୍ମରଣିକା 'ସର୍‌ଗି ଫୁଲ୍ ୨୦୨୪'କୁ ମନ୍ତ୍ରୀ ଉନ୍ମୋଚନ କରିବା ସହ ସମ୍ପାଦକ ବରିଷ୍ଠ ପ୍ରଫେସର ଦାଶ ବେନହୁର ଓ ଏଟିଏଲ୍‌ସିର ସହ ନିର୍ଦ୍ଦେଶକ ସମରେନ୍ଦ୍ର ଭୂତିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

